

Odia Daily

www.theutkalsamachar.com

ଉତ୍କଳ ସମାଗମ

ସର୍ବାଧୁନିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



Vol - 22 | Issue No:209 | 27 November 2026 (Friday) | Rourkela | Rs.2.00 | Page -1 | ୨୨ ବର୍ଷ | ସଂଖ୍ୟା:୨୦୯ | ୨୭ ନଭେମ୍ବର ୨୦୨୬ (ଶୁକ୍ରବାର) | ରାଉରକେଲା | ମୂଲ୍ୟ:ଟ.୨.୦୦ | ପୃଷ୍ଠା-୬

ପଞ୍ଜାବ ଦଖଲ ପାଇଁ ବିଜେପିର ରଣନୀତି !

ମଇଦାନକୁ ଓହ୍ଲାଇବେ ୭ ସାଂସଦ



ଚଣ୍ଡିଗଢ,୨୬/୧୧:ପଞ୍ଜାବ ଦଖଲ ପାଇଁ ବିଜେପି ଚଲାଇଲା ନୂଆ ଚାଲ । ଆମ୍ ଆଦମୀ ପାର୍ଟି (ଆପ୍) ଛାଡ଼ି ବିଜେପିରେ ଯୋଗଦେଇଥିବା ୭ ରାଜ୍ୟସଭା ସାଂସଦଙ୍କୁ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ବଡ଼ ଦାୟିତ୍ୱ ଦେବାକୁ ଯୋଜନା ଜବୁଛି । ହେବ ପ୍ରଚାର ନୁହେଁ, ନିର୍ବାଚନ ପରିଚାଳନାଠାରୁ ଆରମ୍ଭ କରି ପ୍ରାର୍ଥୀ ଖୋଜିବା ଓ ବୁଥ୍ ମ୍ୟାନେଜମେଣ୍ଟ ପର୍ଯ୍ୟନ୍ତ ଦାୟିତ୍ୱ ବାଣ୍ଟିଛି ବିଜେପି । ସୂଚନା ଅନୁସାରେ, ପଞ୍ଜାବର ୧୩ଟି ଲୋକସଭା କ୍ଷେତ୍ର ମଧ୍ୟରୁ ନିଜ ପସନ୍ଦର ଆସନ ବାଛିବାକୁ ଏହି ସାଂସଦମାନଙ୍କୁ ଜୁହାଯାଇଛି । ସେହି ଲୋକସଭା କ୍ଷେତ୍ର ଅଧୀନରେ ଥିବା ବିଧାନସଭା ଆସନଗୁଡ଼ିକରେ ବିଜେପି ଓ ଏହାର ସହଯୋଗୀ ଦଳର ବିଜୟ ପାଇଁ ଜାମ ଜରିବେ ସେମାନେ । ଗୋଟିଏ ପଟେ ଆପ୍‌ର ବର୍ତମାନର ବିଧାୟକଙ୍କୁ ନିଜ ଦଳକୁ ଆଣିବାକୁ ବିଜେପି ଉଦ୍ୟମ ଜବୁଥିବାବେଳେ ଅନ୍ୟପଟେ ଆପ୍‌ରୁ ଆସିଥିବା ନେତାଙ୍କ ପୁରୁଣା ସମ୍ପର୍କ ଓ ରାଜନୈତିକ ଅନୁଭବକୁ ନିର୍ବାଚନରେ ଉପଯୋଗ କରିବାକୁ ଯୋଜନା ଜବୁଛି । ଚଳିତ ବର୍ଷ ଏପ୍ରିଲରେ ଆପ୍ ଛାଡ଼ି ବିଜେପିରେ ମିଶିଥିଲେ ୭ ରାଜ୍ୟସଭା ସାଂସଦ । ସେମାନେ ହେଲେ ରାଘବ ଚଢ଼ା, ସ୍ୱାତୀ ମାଲିୱାଲ, ସନ୍ଦୀପ ପାଠକ, ହରଭଜନ ସିଂହ, ଅଶୋକ କୁମାର ମିତ୍ତଲ, ବିକ୍ରମଜିତ ସାହନୀ ଓ ରାଜିନ୍ଦର ଗୁପ୍ତା । ଏମାନଙ୍କ ମଧ୍ୟରୁ ସ୍ୱାତୀ ମାଲିୱାଲ ଦିଲ୍ଲୀରୁ ରାଜ୍ୟସଭାକୁ ଯାଇଥିବା ବେଳେ ଅନ୍ୟ ୬ ଜଣ ପଞ୍ଜାବରୁ ରାଜ୍ୟସଭା ସାଂସଦ ଅଛନ୍ତି । ସନ୍ଦୀପ ପାଠକଙ୍କୁ ଦଳ ପୂର୍ବରୁ ଜାତୀୟ ସମ୍ପାଦକ ଦାୟିତ୍ୱ ଦେଇସାରିଛି । ଆପ୍‌ରେ ଥିବାବେଳେ ପ୍ରାର୍ଥୀ ଚୟନ ଓ ସାଂଗଠନିକ କାର୍ଯ୍ୟରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଏବେ ତାଙ୍କର ସେହି ପୁରୁଣା ସମ୍ପର୍କକୁ ବ୍ୟବହାର କରି ଆପ୍‌ର ବର୍ତମାନର ବିଧାୟକଙ୍କ ସହ ଯୋଗାଯୋଗ ଏବଂ ନୂଆ ପ୍ରାର୍ଥୀ ଚୟନ ଉପରେ ବିଜେପି ଫୋକସ୍ କରିଛି । ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ଚିହ୍ନଟ କରିବା ପାଇଁ ସେ ସର୍ଭେ ମଧ୍ୟ କରୁଥିବା ସୂଚନା ମିଳିଛି । ସେହିପରି ରାଘବ ଚଢ଼ା ଓ ହରଭଜନ ସିଂହଙ୍କୁ ନିର୍ବାଚନ ପ୍ରଚାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେବାକୁ ଯୋଜନା ରହିଛି । ଅଶୋକ ମିତ୍ତଲ, ରାଜିନ୍ଦର ଗୁପ୍ତା ଓ ବିକ୍ରମଜିତ ସାହନୀଙ୍କୁ ନିର୍ବାଚନ ପରିଚାଳନାର ଦାୟିତ୍ୱ ଦିଆଯିବ । ଦଳର ବିଭିନ୍ନ କମିଟିରେ ମଧ୍ୟ ଏହି ସାଂସଦମାନଙ୍କୁ ସ୍ଥାନ ମିଳିଛି । ରାଘବ ଚଢ଼ା, ହରଭଜନ ସିଂହ ଓ ରାଜିନ୍ଦର ଗୁପ୍ତାଙ୍କୁ ଘୋଷଣାପତ୍ର କମିଟିରେ ରଖାଯାଇଥିବା ବେଳେ ସନ୍ଦୀପ ପାଠକ, ଅଶୋକ ମିତ୍ତଲ ଓ ବିକ୍ରମଜିତ ସାହନୀଙ୍କୁ ମାନିଫେଷ୍ଟୋ କମିଟିର ଦାୟିତ୍ୱ ମିଳିଛି । ଆସନ ଭିତ୍ତିକ ଦାୟିତ୍ୱ ବଣ୍ଟନରେ ମଧ୍ୟ ବିଜେପି ନିର୍ଦ୍ଦିଷ୍ଟ ଯୋଜନା କରିଛି । ଅଶୋକ ମିତ୍ତଲଙ୍କୁ ଜଳନ୍ଧର, ଲୁଧିଆନା ଓ ହୋସିଆରପୁର ଲୋକସଭା କ୍ଷେତ୍ର ଅଧୀନରେ ଥିବା ୧୪ଟି ହିନ୍ଦୁ ବହୁଳ ବିଧାନସଭା ଆସନର ଦାୟିତ୍ୱ ଦିଆଯାଇଛି । ରାଜିନ୍ଦର ଗୁପ୍ତା ଲୁଧିଆନା ଲୋକସଭା କ୍ଷେତ୍ରର ଅନ୍ୟ ବିଧାନସଭା ଆସନଗୁଡ଼ିକରେ ଜାମ ଜରିବେ । ସେହିପରି ମନୋନୀତ ରାଜ୍ୟସଭା ସାଂସଦ ସତନାମ ସିଂହ ସାନ୍ଧୁ ଆନନ୍ଦପୁର ଲୋକସଭା କ୍ଷେତ୍ରର ୯ଟି ବିଧାନସଭା ଆସନରେ ଏନଡିଏର ବିଜୟ ପାଇଁ ଦାୟିତ୍ୱ ନେଇଛନ୍ତି । ଏହି ସାଂସଦମାନେ ନିଜ ନିଜ ଅଚଳରେ ବୁଥ୍ ପରିଚାଳନା, ପ୍ରଚାରର ମୁଖ୍ୟ ପ୍ରସଙ୍ଗ ଚିହ୍ନଟ, ସୋସିଆଲ ମିଡିଆ ଅଭିଯାନ ଏବଂ ପ୍ରଚାର ସାମଗ୍ରୀ ଓ ଅନ୍ୟ ନିର୍ବାଚନୀ ସମ୍ବଳର ବ୍ୟବସ୍ଥା କରିବେ । ଅନ୍ୟପଟେ ରାଘବ ଚଢ଼ାଙ୍କୁ ନିର୍ବାଚନ ପରିଚାଳନାର ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ଜାମ ଦିଆଯାଇଥିବା ବେଳେ ସ୍ୱାତୀ ମାଲିୱାଲଙ୍କୁ ପଞ୍ଜାବର ମହିଳା ଭୋଟରଙ୍କ ସହ ଯୋଡ଼ି ହେବାର ଦାୟିତ୍ୱ ମିଳିଛି । ସୂତ୍ର ଅନୁସାରେ, ନିଜ ପସନ୍ଦର ନିର୍ବାଚନମଣ୍ଡଳୀ ବାଛିଥିବା ସାଂସଦଙ୍କୁ ବିଜେପି ସ୍ପଷ୍ଟ ବାର୍ତ୍ତା ଦେଇଛି । ସେମାନଙ୍କୁ ଦିଆଯାଇଥିବା ଆସନରେ ଦଳର ପ୍ରଦର୍ଶନ ହିଁ ଭବିଷ୍ୟତରେ ସଂଗଠନରେ ସେମାନଙ୍କ ଭୂମିକା ଓ ଦାୟିତ୍ୱ ନିର୍ଦ୍ଧାରଣର ଆଧାର ହେବ । ଅର୍ଥାତ୍ ପଞ୍ଜାବରେ ବିଜେପିର ରଣନୀତି ଏବେ ଦୁଇମୁହାଁ । ଗୋଟିଏ ପଟେ ଆପ୍‌ର ବିଧାୟକ ଓ ନେତାଙ୍କୁ ନିଜ ଦଳକୁ ଆଣିବାର ଉଦ୍ୟମ, ଅନ୍ୟପଟେ ଆପ୍ ଛାଡ଼ି ଆସିଥିବା ସାଂସଦଙ୍କୁ ନିଜ ପୁରୁଣା ରାଜନୈତିକ ସମ୍ପର୍କ ସହ ନିର୍ବାଚନୀ ମଇଦାନରେ ଉପଯୋଗ କରିବା । ଏବେ ଦେଖିବାର କଥା, ବିଜେପିର ଏହି ନୂଆ ଗୋଟିଚାଳ ପଞ୍ଜାବ ରାଜନୀତିରେ କେତେ ପ୍ରଭାବ ପକାଉଛି । ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ଚିହ୍ନଟ କରିବା ପାଇଁ ସେ ସର୍ଭେ ମଧ୍ୟ କରୁଥିବା ସୂଚନା ମିଳିଛି । ସେହିପରି ରାଘବ ଚଢ଼ା ଓ ହରଭଜନ ସିଂହଙ୍କୁ ନିର୍ବାଚନ ପ୍ରଚାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେବାକୁ ଯୋଜନା ରହିଛି । ଅଶୋକ ମିତ୍ତଲ, ରାଜିନ୍ଦର ଗୁପ୍ତା ଓ ବିକ୍ରମଜିତ ସାହନୀଙ୍କୁ ନିର୍ବାଚନ ପରିଚାଳନାର ଦାୟିତ୍ୱ ଦିଆଯିବ ।

ମଝି ରାସ୍ତାରେ ଫାଟିଲା ତେଲ ଟ୍ୟାଙ୍କର

ଚାଲିଗଲା ୩୧ ଜୀବନ



ନୂଆଦିଲ୍ଲୀ,୨୬/୧୧:ମିଶରର ରାଜଧାନୀ କାଇରୋ ନିକଟରେ ବୁଧବାର ରାତିରେ ଏକ ହାଇୱେରେ ଏକ ତେଲ ଟ୍ୟାଙ୍କରରେ ନିଆଁ ଲାଗି ୩୧ ଜଣଙ୍କର ମୃତ୍ୟୁ ହେବା ସହ ୨୧ରୁ ଅଧିକ ଆହତ ହୋଇଛନ୍ତି । ଏହାସହ ୨୪ ରୁ ଅଧିକ ଜାର ଏବଂ ମୋଟରସାଇକେଲ ଜଳିଯାଇଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟ କରିଛି ଯେ ଏହି ଦୁର୍ଘଟଣାରେ ଏଯାଏଁ ୩୧ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୨୧ ରୁ ଅଧିକ ଆହତ ହୋଇଛନ୍ତି । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ତେଲ ଟ୍ୟାଙ୍କରଟି ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିଲା, ଯାହା ଫଳରେ ଏକ ବଡ଼ ବିସ୍ଫୋରଣ ହୋଇଥିଲା ଏବଂ ନିଆଁ ବ୍ୟାପି ଯାଇଥିଲା । ଜଳୁଥିବା ଯାନରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରାଯାଇଥିଲା । ଦୁର୍ଘଟଣା ବିଷୟରେ ସୂଚନା ପାଇ ଅଗ୍ନିଶମ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚି ନିଆଁ ଜଣଙ୍କର ମୃତ୍ୟୁ ହୋଇଛି, ୨୦ରୁ ଲିଭାଇଥିଲେ । ସ୍ଥାନୀୟ ଅଧିକ ଆହତ ହୋଇଛନ୍ତି ଏବଂ ବାସିନ୍ଦାମାନେ ମଧ୍ୟ ଆହତମାନଙ୍କୁ ୨୫ରୁ ଅଧିକ ଗାଡ଼ି ଜବିଯାଇଛି । ଡାକ୍ତରଖାନାକୁ ସ୍ଥାନାନ୍ତର ଏକ ଇନ୍ଧନ ଟ୍ୟାଙ୍କର ଓଲଟି ପଡ଼ି କରିବାରେ ସାହାଯ୍ୟ କରିଥିଲେ । ରାସ୍ତାରେ ନିଆଁ ଲାଗିଯିବାରୁ ଏହି ବର୍ତମାନ ନିଆଁକୁ ନିୟନ୍ତ୍ରଣ ଦୁର୍ଘଟଣା ଘଟିଛି । ଟ୍ୟାଙ୍କରରେ ନିଆଁ କରାଯାଇଛି । ମିଶରର ରାଜଧାନୀ ଏତେ ତୀବ୍ର ଥିଲା ଯେ ଏହା କାଇରୋରେ ଏକ ଉଚ୍ଚସ୍ତର ସଡ଼କ ଯାଉଥିବା ଯାନବାହାନଗୁଡ଼ିକୁ ମଧ୍ୟ ଦୁର୍ଘଟଣା ଘଟିଛି, ଯେଉଁଥିରେ ୩୦ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା ।

ଗୃହରେ ପ୍ରଶ୍ନକାଳ ସ୍ୱାଭାବିକ



ଭୁବନେଶ୍ୱର,୨୬/୧୧(ନି/ପ):ବିଧାନସଭା ଶୀତକାଳୀନ ଅଧିବେଶନର ଆଜି ହେଉଛି ଷଷ୍ଠ ଦିନ । ଗୃହରେ ସ୍ୱାଭାବିକ ଭାବେ ଚାଲିଛି ପ୍ରଶ୍ନୋତର । ୨୦୨୬-୨୭ ପ୍ରଥମ ଅତିରିକ୍ତ ବଜେଟ୍ ଏବଂ ଜଳସମ୍ପଦ ବିଭାଗର ଖର୍ଚ୍ଚ ବାବି ଉପରେ ଆଲୋଚନା ଜାରି ରହିଛି । ଅନ୍ୟପଟେ ଶୂନ୍ୟକାଳରେ ବିଭିନ୍ନ ପ୍ରସଙ୍ଗ ଉଠାଇ ସରକାରକୁ ଘେରିବାକୁ ବିରୋଧୀ ପ୍ରସ୍ତୁତ ହେଉଛନ୍ତି। ଗତକାଲିକ ବ୍ୟୟ ପରିଚାଳନା ଓ ଜୋଡିଆ ପ୍ରସଙ୍ଗକୁ ନେଇ ଗୃହରେ ଜୋରଦାର ଆଲୋଚନା ହୋଇଥିଲା ।

ନୂଆପଡ଼ାରେ ପୁଣି ବାଘ ଆତଙ୍କ



ନୂଆପଡ଼ା,୨୬/୧୧(ନି/ପ): ନୂଆପଡ଼ା ଜିଲ୍ଲାରେ ପୁଣି ବାଘ ଆତଙ୍କ ଦେଖାଦେଇଛି । ସୂଚନା ମୁତାବକ ସଦର ବ୍ଲକ୍ ଅମାନାରା ରେଞ୍ଜ ଅନ୍ତର୍ଗତ ପାଖୁର ଡୋଙ୍ଗା ଗ୍ରାମର ସପୁର ସତନାମୀଙ୍କ ବାହୁରାକୁ ଏକ ଜଲରପଡରିଆ ବାଘ ଗୁହାଳରୁ ଟାଣି ନେଇ ଖାଇବାର ଅଭିଯୋଗ ହୋଇଛି । ଖବର ପାଇ ଆମାନାରା ଫରେଷ୍ଟରଙ୍କ ସହ ଅନ୍ୟ ବନ୍ୟ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ସୂଚନା ଥାଇକି ସୁନା ବେଡା ଅଭୟାରଣ୍ୟର ପାଦ ତଳେ ମୁସରଙ୍କି ସଂରକ୍ଷିତ ଜଙ୍ଗଲ ନିକଟରେ ଏହି ଗ୍ରାମ ରହିଛି ।

୧୪ ଦେଶ ଉପରେ ନୂଆ ଶୁଳ୍କ ଲାଗୁ କଲା ଆମେରିକା

ଅତିରିକ୍ତ ୧୭% ବୋଝର ସମ୍ମୁଖୀନ ହେବ ଭାରତ



ୱାଶିଂଟନ,୨୬/୧୧: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୂତନ ନିଷ୍ପତ୍ତି ନେଇଛନ୍ତି। ସେ ୧୪ଟି ଦେଶ ଉପରେ ନୂତନ ଶୁଳ୍କ ପ୍ରସ୍ତାବ ଦେଇଛନ୍ତି। ଭାରତ ଏହା ଦ୍ୱାରା ଅତିରିକ୍ତ ୧୭% ଶୁଳ୍କ ସମ୍ମୁଖୀନ ହୋଇପାରେ, ଯାହା ଦ୍ୱିପାକ୍ଷିକ ବାଣିଜ୍ୟ ବୁଝାମଣାରେ ପହଂଚି ନପାରିବେ ୨୫% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଧାରା ୩୦୧ ତଳେ ଆଧାରରେ ବୁଧବାର ଦିନ ଆମେରିକା ବାଣିଜ୍ୟ ପ୍ରତିନିଧି ଏହି ପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ତଦନ୍ତରେ ଏହି ଦେଶଗୁଡ଼ିକୁ ସାଂଘାତିକ ଅତିରିକ୍ତ କ୍ଷମତାର ଅଭିଯୋଗ କରାଯାଇଛି। ୧୪ ଦେଶ ଉପରେ ୧୫-୨୦% ଅତିରିକ୍ତ ଶୁଳ୍କ ପ୍ରସ୍ତାବିତ କରାଯାଇଛି, ବିକ୍ରିତ ଦେଶ ପାଇଁ ଜମ ହାର, ଚୀନ୍, ଭିଏତନାମ ଏବଂ ସିଙ୍ଗାପୁର ଭଳି ଦେଶ ପାଇଁ ଅଧିକ ହାର ସହିତ। ଅଧିକାଂଶ ବିଜାଣୀଳୀଳ ଦେଶ ସହିତ ଭାରତକୁ ୧୮% ବର୍ତ୍ତରେ ରଖାଯାଇଥିଲେ ମଧ୍ୟ ଫେବ୍ରୁଆରିରେ ବୃଦ୍ଧାର ହୋଇଥିବା ଦ୍ୱିପାକ୍ଷିକ ବାଣିଜ୍ୟ ବୁଝାମାରର ପ୍ରଥମ ଅଂଶ ସମୟସୀମାରେ ସ୍ୱାକ୍ଷରିତ ହେବା ସତ୍ତ୍ୱେ ଏହାକୁ ୧୭% ର ସାମାନ୍ୟ ସୁବିଧା ପ୍ରଦାନ କରାଯାଇଛି । ୨୦୨୭ ଜାନୁଆରି ୨୫ରେ ଏକ ଶୁଣାଣି ସ୍ଥିର କରାଯାଇଛି ଏବଂ ଫେବ୍ରୁଆରିରେ ନୂତନ ଶୁଳ୍କ କାର୍ଯ୍ୟକାରୀ ହୋଇପାରେ। ଭାରତୀୟ ଔଷଧ ଏବଂ ମୋବାଇଲ୍ ଫୋନ୍ ରପ୍ତାନିକୁ ଏହି ଅତିରିକ୍ତ ଶୁଳ୍କରୁ ମୁକ୍ତ କରାଯାଇଛି । ଏହି ଚଳତ ଭାରତର ଚଳଖ ଯୋଜନା, ଆତ୍ମନିର୍ଭର ଭାରତ ଅଭିଯାନ ଏବଂ ଇଣ୍ଡାଟ, ସୌର, ସ୍ୱାସ୍ଥ୍ୟସେବା ଏବଂ ଓଷଜ କ୍ଷେତ୍ରର ନୀତିଗୁଡ଼ିକୁ ଦୋହକ କରାଯାଇଛି । ଭାରତ ସରକାର ଅତିରିକ୍ତ କ୍ଷମତାର ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ସରକାର କହିଛନ୍ତି ଯେ ଭାରତ ଏବଂ ଯୁକ୍ତରାଷ୍ଟ୍ର ଏକ ଦ୍ୱିପାକ୍ଷିକ ବାଣିଜ୍ୟ ବୁଝିମାନା ଉପରେ ଆଲୋଚନା କରୁଛନ୍ତି ଏବଂ ବାଣିଜ୍ୟ ସମ୍ବନ୍ଧୀୟ ଯେକୌଣସି ଚିନ୍ତା ସେହି ଢାଚାଂ ମଧ୍ୟରେ ସମାଧାନ କରାଯିବା ଉଚିତ ।

ସମ୍ବିଧାନ ଭାରତୀୟ ଗଣତନ୍ତ୍ରର ଏକ ଅମୂଲ୍ୟ ଐତିହ୍ୟ :

ସମ୍ବିଧାନ ଦିବସରେ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ବାର୍ତ୍ତା



ନୂଆଦିଲ୍ଲୀ,୨୬/୧୧:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବିଧାନ ଦିବସ ଅବସରରେ ସମସ୍ତ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି । ସେ ଭାରତ ରତ୍ନ ଭୀମରାଓ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ସମ୍ବିଧାନ ବୁପରେ ତାଙ୍କର ଉପହାର ଭାରତୀୟ ଗଣତନ୍ତ୍ରର ଏକ ମୂଲ୍ୟବାନ ଐତିହ୍ୟ, ଯାହା ଏକ ବିକଶିତ ଭାରତ ପାଇଁ ଆମର ସଂକଳ୍ପକୁ ସାକାର କରିବାରେ ଆମକୁ ମାର୍ଗଦର୍ଶନ କରିଚାଲିବ । ପ୍ରଧାନମନ୍ତ୍ରୀ ସୋସିଆଲ ମିଡ଼ିଆ ଏକ୍ସରେ ପୋଷ୍ଟ କରିଛନ୍ତି, ସମ୍ବିଧାନ ଦିବସରେ ମୋର ସମସ୍ତ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଏହି ପବିତ୍ର ଅବସରରେ, ମୁଁ ପୂଜ୍ୟ ବାବାସାହେବ ଏବଂ ସମ୍ବିଧାନ ସଭାର ସମସ୍ତ ମହାନ ବ୍ୟକ୍ତିତ୍ୱଙ୍କୁ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସମ୍ବିଧାନ ବୁପରେ ସେମାନଙ୍କର ଉପହାର ଭାରତୀୟ ଗଣତନ୍ତ୍ରର ଏକ ଅମୂଲ୍ୟ ଐତିହ୍ୟ, ଯାହା ଏକ ବିକଶିତ ଭାରତର ସଂକଳ୍ପକୁ ସାକାର କରିବାରେ ଆମକୁ ମାର୍ଗଦର୍ଶନ କରିଚାଲିବ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାର୍ଗଦର୍ଶନରେ ଭାରତରେ ପ୍ରତିବର୍ଷ ୨୬ ନଭେମ୍ବରରେ ସମ୍ବିଧାନ ଦିବସ ପାଳନ କରାଯାଉଛି । ଭାରତର ସାରା ଦେଶରେ ସମ୍ବିଧାନ ଦିବସ ସମ୍ବିଧାନକୁ ସମ୍ବିଧାନ ସଭା ଦ୍ୱାରା ୨୬ ନଭେମ୍ବର ୧୯୪୯ରେ ଗୃହୀତ ଐତିହାସିକ ପଦକ୍ଷେପ ନେଇଥିଲେ । କରାଯାଇଥିଲା ଏବଂ ୨୬ ଜାନୁଆରୀ ୧୯୫୦ରେ ଲାର୍ଯ୍ୟକାରୀ ହୋଇଥିଲା । ୨୦୦୯ ମସିହାରେ ଯେତେବେଳେ ନରେନ୍ଦ୍ର ମୋଦୀ ଗୁଜରାତର ମୁଖ୍ୟମନ୍ତ୍ରୀ ଥିଲେ ସେ ରାଜ୍ୟରେ ନଭେମ୍ବର ୨୬ ତାରିଖରେ ସମ୍ବିଧାନ ଦିବସ ପାଳନ କରିବା ଆରମ୍ଭ କରିଥିଲେ । ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀ ଭାବରେ ସେ ଭାମରାଓ ଆମ୍ବେଦକରଙ୍କ ୧୨୫ତମ ଜନ୍ମବାର୍ଷିକୀ ଅବସରରେ ଏହି ବିଶେଷ ଦିନକୁ ପାଳନ କରିବାରେ ଆମକୁ ମାର୍ଗଦର୍ଶନ କରି ଚାଲିବା ଅର୍ଥାତ୍,ବିଦ୍ୱାନମାନଙ୍କ ଦ୍ୱାରା ଅନେକ ପ୍ରକାରରେ, ବହୁ ଲୋକଙ୍କ ସହିତ ଆଲୋଚନା କରି ଏବଂ ଭଲଭାବେ ବିଚାର କରି ପ୍ରସ୍ତୁତ କରାଯାଇଥିବା ନୀତି ବା ଯୋଜନା କୌଣସି ପ୍ରକାରେ ବିଫଳ ବା ନଷ୍ଟ ହୁଏ ନାହିଁ। ଏହା ପଂଚତନ୍ତ୍ରର ଏକ ପ୍ରସିଦ୍ଧ ଶ୍ଲୋକ, ଯାହା ସାମୂହିକ ଓ ଗଭୀର ବିଚାର-ବିମର୍ଶର ମହତ୍ତ୍ୱକୁ ଦର୍ଶାଇଥାଏ । ୨୦୧୫ ମସିହାରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାର୍ଗଦର୍ଶନରେ ଭାରତରେ ପ୍ରତିବର୍ଷ ୨୬ ନଭେମ୍ବରରେ ସମ୍ବିଧାନ ଦିବସ ପାଳନ କରିବା ପାଇଁ ସମ୍ବିଧାନକୁ ସମ୍ବିଧାନ ସଭା ଦ୍ୱାରା ୨୬ ନଭେମ୍ବର ୧୯୪୯ରେ ଗୃହୀତ ଐତିହାସିକ ପଦକ୍ଷେପ ନେଇଥିଲେ । ଏହି ଐତିହାସିକ ଦିନକୁ ସମ୍ବିଧାନ ଦିବସ ଭାବରେ ପାଳନ କରିବା ପାଇଁ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ସମ୍ବିଧାନ ଗୃହଣର ୬୫ ବର୍ଷ ପରେ ୧୯ ନଭେମ୍ବର ୨୦୧୫ରେ ଅଧିସୂଚିତ କରିଥିଲା । ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ନାଗରିକମାନଙ୍କ ମଧ୍ୟରେ ସମ୍ବିଧାନର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ।

ଭିଜିଲାନ୍ସ ଜାଲରେ ସ୍ୱାସ୍ଥ୍ୟକର୍ମୀ

ସମ୍ବଲପୁର,୨୬/୧୧(ନି/ପ): ଭିଜିଲାନ୍ସ ଜାଲରେ ସ୍ୱାସ୍ଥ୍ୟକର୍ମୀ । ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ପାଇଁ ଲାଞ୍ଚ ନେଇ ଜଣେ ସ୍ୱାସ୍ଥ୍ୟକର୍ମୀ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ସମ୍ବଲପୁର ଜିଲ୍ଲା ଥେମଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ହରିହର ପ୍ରଧାନଙ୍କୁ ୭ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଧରିଛି । ମିଳିଥିବା ସୂଚନା ଅନୁଯାୟୀ ଅଭିଯୋଗକାରୀ ତାଙ୍କ ମୃତ ମାମୁଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇଁ ୬ ମାସ ପୂର୍ବରୁ ସମସ୍ତ ଆବଶ୍ୟକୀୟ ଜାରଜପତ୍ର ସହ ଆବେଦନ କରିଥିଲେ । ହେଲେ ପ୍ରମାଣପତ୍ର ପ୍ରଦାନ ପାଇଁ ହରିହର ପ୍ରକ୍ରିୟା ଆରମ୍ଭ କରୁନଥିଲେ । ବାରମ୍ବାର ଅନୁରୋଧ ସତ୍ତ୍ୱେ ଜାମ ନକରିବା ସହ ଏଥିପାଇଁ ୭ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ । ଏନେଇ ଆବେଦନକାରୀ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ଆଜି ଯୋଜନା ମୁତାବକ ଭିଜିଲାନ୍ସ ବିଭାଗ ଚଢ଼ାଉ କରିଥିଲା । ହରିହର ୭ ହଜାର ଟଙ୍କା ଲାଞ୍ଚନେଉଥିବାବେଳେ ତାଙ୍କୁ ଧରାଯାଇଥିଲା । ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି । ହରିହରଙ୍କ ବାସଭବନ ସହ ଦୁଇଟି ସ୍ଥାନରେ ଏକଇକାଳୀନ ଯାଂଚ ଚାଲିଛି । ଏନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି । ଘଟଣାର ତଦନ୍ତ ଜାରି ରଖିଛି ଭିଜିଲାନ୍ସ ।

ଡିସେମ୍ବର ୧୫ରୁ ବସିପାରେ ଶୀତ ଅଧିବେଶନ :

ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଣିବାକୁ ସରକାରଙ୍କ ଲକ୍ଷ୍ୟ



ନୂଆଦିଲ୍ଲୀ,୨୬/୧୧: ସୀମା ପୁନଃନିର୍ଦ୍ଧାରଣ ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ଆଇନକୁ ପାରିତ କରିବା ଲକ୍ଷ୍ୟରେ ସେନ୍ଦ୍ର ସରକାର ଆସନ୍ତା ଡିସେମ୍ବର ୧୫ ତାରିଖରୁ ସଂସଦର ଶୀତକାଳୀନ ଅଧିବେଶନ ଡାକିବା ସମ୍ଭାବନା ରହିଛି । ସରକାର ସୀମା ନିର୍ଦ୍ଧାରଣ ଏବଂ ମହିଳା ସଂରକ୍ଷଣ ସହ ସମ୍ପୃକ୍ତ ଏକ ସମ୍ବିଧାନ ସଂଶୋଧନ ବିଲ୍ ଆସନ୍ତା ଜାନୁଆରି ୨୦ରେ ଜାରି ହେବାକୁ ଯୋଜନା ରହିଛି । ଏହି ପ୍ରସ୍ତାବିତ ବିଲ୍ ମାଧ୍



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଶୌଚ ହେବାକୁ ଯାଇଥିଲେ ଯୁବକ, ନଦୀରେ ନବଜାତ ଶିଶୁର ମୃତଦେହ ଭାସୁଥିବା ଦେଖିଲେ



ଆନନ୍ଦପୁର,୨୬/୧୧(ନି/ପ୍ର): ଆଜି ସକାଳୁ ଘସିପୁରା ବୈତରଣୀ ନଦୀ ଜାଜୀଘାଟଠାରେ ଏକ ନବଜାତଶିଶୁର ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି। ଉଦ୍ଧାର ପରେ ନବଜାତ ଶିଶୁଟି ଶିଶୁପୁତ୍ର ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ସ୍ଥାନୀୟ ଯୁବକ ଗୌରାଙ୍ଗ ପାତ୍ର ନଦୀକୁ ଶୌଚ ହେବାକୁ ଯାଇଥିଲେ।ଏହି ନବଜାତ ଶିଶୁର ମୃତଦେହ ଦେଖି ସ୍ଥାନୀୟ ଲୋକଙ୍କୁ ଖବର କରିଥିଲେ। ପରେ ସ୍ଥାନୀୟ ଯୁବକମାନେ ନଦୀରୁ ମୃତ ନବଜାତ ଶିଶୁକୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ମୃତ ନବଜାତ ଶିଶୁ ପୁତ୍ର ବୋଲି ଜଣାପଡିଛି। ଏହିପରି ଘଟଣା ବାରମ୍ବାର ଘଟୁଥିବା ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଏ ଏଙ୍କ ଜାଙ୍ଚିକି ଆଉ ଜୋଡ ପରିସ୍ଥିତିରେ ଏଭଳିନିର୍ମମ କାମ କରିଛି ତୁରନ୍ତ ପ୍ରଶାସନ ଏଥିପ୍ରତି ନିରପେକ୍ଷ ତଦନ୍ତ ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି । ଏଥିସହିତ ନିକଟବର୍ତ୍ତୀ ଆନନ୍ଦପୁର ଉପଖଣ୍ଡ ଡିକ୍ସାଲୟରେ ଡିକ୍ସିତ ହେଉଥିବା ଏବଂ ହେବାକୁ ଆସିଥିବା ପ୍ରମାଣପତ୍ର ଯାଞ୍ଚ କରିଲେ ଦୋଷୀ ଧରାପଡ଼ିଯିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ପୂର୍ବରୁ ମଧ୍ୟ ନବଜାତ ଶିଶୁଙ୍କ ମୃତଦେହ ଭାସୁଥିବାର ଦେଖିବାକୁ ମିଳିଥିଲା।

ଭଦ୍ରକରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ

ଭଦ୍ରକ,୨୬/୧୧(ନି/ପ୍ର): ଆ ଜା ମା ଦେ, ପାନ ଗୁଆ ଥୋଇ, ପାନ ଗୁଆ ଦୋର, ମାସକ ଧରମ ମୋର। ଜାତିର୍ଦ୍ଦ ପୂର୍ଣ୍ଣିମାର ସକାକୁ ପ୍ରତିଟି ଓଡ଼ିଆ ସ୍ନାନ ସାରି ବଦଳୀ ପତୁଆ ଆଉ ଭଙ୍ଗା ଭସାଇ ଧର୍ମ ମାସ ଜାତିଙ୍କର ଶୁଭ ମନାସନ୍ତି। ଅଘୁ ଅଘୁ ଶୀତ ହେଉଥାଏ, ପାତିବୁ ଭସ ଭସ ଧୂଆଁ ବାହାରୁଥାଏ। ଆଉ ଏତିକିବେଳେ ପୋଖରୀ, ଗାଡିଆ, ନଦୀ କୂଳେର ଚୁଳୁଚୁଳି ପକାର ଗୀତ ଗାଉ ଗାଉ ସମସ୍ତ ଭସାର ଦିଅନ୍ତି ପୂଣ୍ୟର ଡଙ୍ଗା। ଜାତିକ ପୂର୍ଣ୍ଣିମାର ପୁଣ୍ୟ ଆରମ୍ଭ ହୁଏ ପବିତ୍ରତାରୁ। ଆଷାଢ଼, ଜାତିକ, ମାଘ ଆଉ ବୈଶାଖ। ଏ ଚାରିମାସ ହେଉଛି ପୂର୍ଯ୍ୟଙ୍କର ଅୟନ୍ତାନ କାଳ। ତେଣୁ ଏହି ଚାରି ମାସରେ ସୂର୍ଯ୍ୟଦେବଙ୍କ ଉପାସନା ଜାରଣରୁ ଏହାକୁ ଧର୍ମର ମାସ ଭାବେ ଧରାଯାଏ। ଆଉ ଏଇ ଧର୍ମ ମାସ ଜାଳିକି ସହ ଓଡ଼ିଆଙ୍କର ରହିଛି ଜାଇଁ କେତେ ଜାଜର ସଂପର୍କ। ବିନେ ସାଧବପୁଅ ମାନେ ବୋଇତରେ କିନିଷ ନେଇ ଯାଉଥିଲେ ସୁଦୂର। ସାତ ଦରିଆ ତେର ନଈ ପାର ହୋଇ ଜାଭାଠୁ ବାଲି, ସୁମାତ୍ରାରୁ ଏବେବାର ଇଣ୍ଡୋନେସିଆଗର ବେପାର ବଣିଜ କରୁଥିଲେ ଆମ ଓଡ଼ିଆ ପୁଅ। ରେଶମୀ ପାଟ, ସୁଗନ୍ଧ ଦ୍ରବ୍ୟ, ଜାରିଗରୀ ଶିଳ୍ପ ଭଳି କେତେ ଜଣ କିନିଷ ଧରି ବୋଇତରେ ସାଧବ ପୁଅ ଯାଉଥିଲେ ଜାହିଁକେତେ ଦୂର। ଆଉ ସାଧବ ବୋହୂମାନେ ମଙ୍ଗଳୋଇରେ ମଙ୍ଗଳା ବନ୍ଦେର ସାଧବ ପୁଅଙ୍କୁ ଦେଉଥିଲେ ଶେଷ ମେଲାଣି। ଓଡ଼ିଆରେ ଆଶ୍ୱିନ ମାସ ପରେ ପରେ ମାଗଶିର ମାସ ପୂର୍ବର୍ଦ୍ଧୁ ପଡେ ଧର୍ମ ମାସ ଜାତିର। ପୋଥି ପୁରାଣରେ ଏ ମାସକୁ ଶ୍ରେଷ୍ଠ ମାସ କୁହାଯାଇଥିବାବେଳେ ଏ ମାସରେ ଶ୍ରୀକ୍ଷେତ୍ରରେ ହବିଷ ପାଇଁ ହବିଷ୍ୟାଳି। ଆଉ ଜାତିକ ପୂର୍ଣ୍ଣିମା ଦିନ ଭଙ୍ଗା ଭସାର ହବିଷ୍ୟାଳି ନିଜ ବ୍ରତ ଉଜାନ୍ତି। ଆଉ ମାସକ ଧର୍ମକୁ ଅର୍ଜନ କରିଥାନ୍ତି। ଯାହା ଆଜି ବି ଏ ଆ ଜା ମା ବି ଗୀତରେ ଶୁଣିବାକୁ ମିଳେ। ଆଜି ଓଡିଶାର ସେହି ଗୌରବମୟ ନୌବାଣିଜ୍ୟର ସ୍ମାରକୀ ବହନ କରୁଥିବା ଜାତିକ ପୂର୍ଣ୍ଣିମା ଉତ୍ସବରେ ପାଳିତ ହୋଇଯାଇଛି । ଚଳିତବର୍ଷ ରାତି ପ୍ରାୟ ୩ଟାରୁ ଉତ୍ସବ ସହରର ସାନ୍ଦୀ ତୁଳରେ ଥିବା ରାଜଘାଟ, ସାହାପୁର ଘାଟ, ସତ୍ରିଆ ଘାଟ, ଗରଦପୁର, ମଠାହାଟି, ବାଉଦପୁର, ଏଲଖା, ଅସୁଳ ପ୍ରମୁଖ ସ୍ଥାନରେ ହଜାର ହଜାର ଭକ୍ତ ଚୁଡ଼ ପକାଇବା ସହ ସୋଲ, ଜଦଳାପୁଅ। ନିର୍ମିତ ଡଙ୍ଗା ଅତ୍ୟନ୍ତ ଭକ୍ତିର ସହ ସାଜଦାରେ ଭସାଇଥିଲେ । ଅନୁରୂପ ସତ୍ରିଆ ହନୁମାନ ନଦୀ ଘାଟରେ ଶହଶହ ଭକ୍ତ ସ୍ନାନକରି ଡଙ୍ଗାମାନ ଭସାଇଥିଲେ। ସେହିଭଳି ଉତ୍ସବର ସବାଚର୍ଚ୍ଚ ମଠ, ସତ୍ରିଆର ନୀଳକେଣ୍ଠେଶ୍ୱର ଶ୍ରୀ ହନୁମାନ ମନ୍ଦିର, ଝଅଁବି ବଡ଼ବାଣ୍ଡ ସ୍ଥିତ ଜଗନ୍ନାଥ ମନ୍ଦିର, ମଦନମୋହନ, ଗୋବିନ୍ଦ ଜୀଉ, ରାଧାବମୋବର, ଶ୍ୟାମସୁନ୍ଦର ଜୀଉ, ବିପ୍ରେଶ୍ୱର ମହାଦେବ, ଜଗନ୍ନାଥ ଗୌଡ଼ୀୟ ମଠ, ସାହାପୁର ସ୍ଥିତ ପଂଚମୁଖି ହନୁମାନ ମନ୍ଦିର, ଭୁବନେଶ୍ୱର ମହାଦେବ, ମା' ଶଙ୍କଟ ତାରିଣୀ, ମା' ଗ୍ରାମଦେବତୀ ଓ ଜଂଟି ମଙ୍ଗଳା ପ୍ରଭୃତି ମନ୍ଦିରରେ ଭକ୍ତମାନଙ୍କର ଭିଡ଼ ଲାଗିରହିଥିଲା । ବହୁ ଶ୍ରଦ୍ଧାକୁ ଭକ୍ତ ବାବା ଲୋକନାଥ, ବାଇପାସସ୍ଥିତ ଜଗନ୍ନାଥ ମନ୍ଦିର, ବାଇଗୋପାଳଜୀଉ ମନ୍ଦିର, ଶ୍ରୀ ଚୈତନ୍ୟ ଆଶ୍ରମ, ମା' ବଙ୍କବାସୁଳୀ, ମା' ତାରିଣୀ, ରାଘଘାଟ ମହାଦେବ, ମଠାହାରି ମା' ଦକ୍ଷିଣେଶ୍ୱର ଜାଳୀଙ୍କ ଭଳି ବିଭିନ୍ନ ପୀଠକୁ ଯାଇ ନିଜର ଭକ୍ତି ନୈବେଦ୍ୟ ଅପର୍ଣ କରିଥିଲେ। ଝିଅବୋହୂମାନେ ତୁଳସୀ ତଳରା ସମ୍ମୁଖରେ ମୁଗୁଜରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରାଙ୍କ ଚିତ୍ର ଆଙ୍କି ପୂଜାଚର୍ଚ୍ଚା କରିଥିଲେ। ବିଭିନ୍ନ ଦେବାଳୟରେ ହବିଷ୍ୟାଳିମାନେ ଆଜିର ହବିଷ ଭୋଜନକରି ପ୍ରଭୁ କୃପା ଲାଭ କରିଥିଲେ। ବିଶେଷକରି ଆଢୀରୁ ସହରର ବାଉଦପୁରର ପୂର ଜାଗାରେ ଦେଶ୍ ଯାକ ଜମକରେ ଆରମ୍ଭ ହୋଇଛି ବାଲିଯାତ୍ରା। ବିଭିନ୍ନ ପ୍ରକାର ବୋଜନ ବଜାର ସାଜାକୁ ରାମବୋଜି, ତୁହ୍ମବୁଆନ୍ଦୁ ପଡିଛି, ଯାହା ଲୋକଙ୍କୁ ଆକୃଷ୍ଟ କରିବା। ଏହା ସାତ ଦିନ ଧରି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସହରେର ଶାନ୍ତିଶୃଙ୍ଖଳା ରକ୍ଷା ବିଷୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାର ଜିଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ ସୂଚନା ଦେଇଛନ୍ତି।

ବାତ୍ୟା ଓ ବନ୍ୟା କ୍ଷତିପୂରଣ ଦାବିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ର ଦେଲା ଗଞ୍ଜାମ ବିଜେଡି



ଛତ୍ରପୁର,୨୬/୧୧(ନି/ପ୍ର): ଏକତ୍ରିତ ହୋଇ ଜିଲ୍ଲାପାଳଙ୍କ ଜରାଣ ବର୍ଷା, ବନ୍ୟା ଏବଂ 'ଅର୍ଣ୍ଣବ' ଓ 'ଅବଜାନ' ବାତ୍ୟାରେ ଗଞ୍ଜାମ ଜିଲ୍ଲାର ବ୍ୟାପକ କ୍ଷୟକ୍ଷତିର ଭରଣା ସହ ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ପ୍ରଦାନ ଦାବିରେ ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ୧୫ ଦଫା ଦାବିପତ୍ର ବିଆଯାଇଛି। ଛତ୍ରପୁରସ୍ଥିତ ସର୍କିଟ ହାଉସଠାରୁ ବଜୀୟ ନେତା ଓ କର୍ମୀମାନେ ପଶୁପାଳକ, ଛୋଟ ବ୍ୟବସାୟୀ ଓ ଉଠା ବୋଜାନୀମାନେ ମଧ୍ୟ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ପ୍ରଭାବିତ ଲୋକଙ୍କ ଜୀବିକା ପୁନରୁଦ୍ଧାର ଓ ଆର୍ଥିକ ସ୍ଥିତି ସୁଧାର ପାଇଁ ସରକାର ତୁରନ୍ତ ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଘୋଷଣା କରିବାକୁ ବଳ ଦାବି କରିଛି ।ସେହିପରି ବୟସ୍କ ଓ ଅସହାୟଙ୍କୁ ସ୍ୱତନ୍ତ୍ର ସହାୟତା, ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, କ୍ଷତିଗ୍ରସ୍ତ ଗ୍ରାମ୍ୟ ଓ ମୁଖ୍ୟ ରାସ୍ତାର ମରାମତି, ରାଜସ୍ୱ ନିରୀକ୍ଷକ ଓ କୃଷି କର୍ମଚାରୀଙ୍କ ଦ୍ୱାରା ଶୀଘ୍ର ଏବଂ ନିରପେକ୍ଷ କ୍ଷୟକ୍ଷତି ଆକଳନ କରି ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ସହାୟତାରୁ ବାଦ୍ ନଦେବା ସହ ଆଗାମୀ ଏକ ବର୍ଷ ପର୍ଯ୍ୟନ୍ତ ଚାଷୀଙ୍କ ବ୍ୟାଜ ଋଣ ଆଦାୟ ସ୍ଥଗିତ ରଖିବାକୁ ଦାବି ଜଣାଯାଇଛି ।ଏହା ପୂର୍ବରୁ ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ପଠାଯାଇଛି। ଏଥିରେ ବିଜେଡି ସଭାପତି ବିକ୍ରମ ପଣ୍ଡା, ଚନ୍ଦ୍ରଶେଖର ସାହୁ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ,ରମେଶ ଚନ୍ଦ୍ର ବ୍ୟାଜ ପଟ୍ଟନାୟକଙ୍କ ନେତୃତ୍ୱରେ ସମେତ ବହୁ ବରିଷ୍ଠ ନେତା, ପୂର୍ବତନ ବିଧାୟକ ଓ ବଜାୟ କର୍ମୀ ଉପସ୍ଥିତ ରହି ପ୍ରଭାବିତ ଜନସାଧାରଣଙ୍କ ସମସ୍ୟାର ତୁରନ୍ତ ସମାଧାନ ଓ କ୍ଷତିପୂରଣ ପ୍ରଦାନ ନିମନ୍ତେ ସରକାରଙ୍କ ହସ୍ତକ୍ଷେପ ଦାବି କରିଥିଲେ।

୧୨ ବର୍ଷ ଧରି ଝୁଲୁଛି ଖାଲି ବିଦ୍ୟୁତ ମିଟର, ଜଳୁନି ବଲ୍ବ

ଚମ୍ପୁଆ,୨୬/୧୧(ନି/ପ୍ର):ଦେଶ ସ୍ୱାଧୀନତାର ୮୦ ବର୍ଷ ଅତିକ୍ରମ କରିସାରିଲାଣି । 'ଘରେ ଘରେ ବିଜୁଳି' ଓ 'ସବକା ସାଥ, ସବକା ବିକାଶ' ଭଳି ବଡ଼ ବଡ଼ ସରକାରୀ ଯୋଜନା ଓ ନାରା ଆଜି ବିଜେଦୁଏର ଜିଲ୍ଲାର ବାସ୍ତବ ଚିତ୍ର ଆଖରେ ଫିଟା ପଡ଼ିଯାଇଛି। ଚମ୍ପୁଆ ବ୍ଲକ ଅନ୍ତର୍ଗତ ଇଣ୍ଡା ଗ୍ରାମପଂଚାୟତର ଙ୍କସରା(ଇ) ଗ୍ରାମର ଶ୍ରୀମତୀ ବିଜାସିନୀ ବାରିକ୍ ଏବଂ ତାଙ୍କ ସ୍ୱାମୀ ପ୍ରବୀର କୁମାର ବାରିକ୍ଙ୍କ ଘରର ଦୁଃଖଦ କାହାଣୀ ଏବେ ସମସ୍ତଙ୍କୁ ବ୍ୟଥିତ କରୁଛି। ପ୍ରାୟ ୧୨ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ବି ଆଜି ପର୍ଯ୍ୟନ୍ତ ଏହି ଗରିବ ପରିବାରର ଘରେ ବିଦ୍ୟୁତ ସଂଯୋଗ (କନେକ୍ସନ) ହୋଇପାରିନାହିଁ। ସବୁଠାରୁ ପରିତାପ ଓ ବିଡ଼ମ୍ବନାର ବିଷୟ ହେଉଛି, ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ତଳେ ବିଦ୍ୟୁତ ବିଭାଗର କର୍ମଚାରୀମାନେ ଆସି ତାଙ୍କ ଘରେ ଏକ ବିଦ୍ୟୁତ ମିଟର ଲଗାଇ ବେଶ ଚାଲିଯାଇଥିଲେ। ସେବେଠାରୁ ଜାତୁରେ ସେହି ମିଟରଟି କେବଳ ଏକ ନିରବ ସାକ୍ଷୀ ହୋଇ ଝୁଲି ରହିଛି, କିନ୍ତୁ ସେଥିରେ ଆଜି ଯାଏଁ ବିଦ୍ୟୁତ ପ୍ରବାହ ହୋଇନାହିଁ। ସଦ୍ୟା ହେଲେ ଏହି ପରିବାର ପାଇଁ ଘନେର ଆସେ ଘୋର ଅନ୍ଧକାର। ପିଲାମାନଙ୍କ ପାଠପଢ଼ା ଠାରୁ ଆରମ୍ଭ କରି ଦୈନନ୍ଦିନ କାମ ପର୍ଯ୍ୟନ୍ତ ସବୁଥିରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବିଜାସିନୀ ଓ ପ୍ରବୀପ। ସାମାନ୍ୟ ଆଲୁଅ ଟିକକ ପାଇଁ ତେତେବେଳେ ବିବିରି ଚ କେତେବେଳେ ଅନ୍ୟ ଜାହାର ସାହାରା ନେବାକୁ ପଡୁଛି। ସରକାରୀ ବାବୁମାନଙ୍କ ଦପ୍ତରକୁ ଦୌଡି ଦୌଡି ଓ ଘୁହାରି କରି କରି ଆଜି ସେମାନେ ନିରାଶ ହୋଇପଡ଼ିଛନ୍ତି ।ଘରେ ମିଟର ଥାଇ ମଧ୍ୟ ବିଦ୍ୟୁତ ସଂଯୋଗ ନହେବା ବିଭାଗୀୟ ଅବହେଳା ଓ ବାୟିତ୍ୱହୀନତାକୁ ପ୍ରକାରେ ପକାଉଛି। ଏଭଳି ଏକ ସମ୍ବେଦନଶୀଳ ଓ ମାନବିକ ସମସ୍ୟା ପ୍ରତି କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଦ୍ୟୁତ ବିଭାଗ ତୁରନ୍ତ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

୬୩ତମ ରାଜ୍ୟସ୍ତରୀୟ ନୌକା ପ୍ରତିଯୋଗୀତା ଓ ବାଳକ ଭୋଜନ ସମାରୋହ

ସୁବର୍ଣପୁର,୨୬/୧୧(ନି/ପ୍ର): ଅତୀର ନୌବାଣିଜ୍ୟ ପୁଣି ଓ ପରମ୍ପରା କୁ ଉଜ୍ଜୀବିତ ରଖିଥାଏ । ଓଡ଼ିଶା ର ବଣିକ ପୁଅ ଓ ନାବିକ ମାନଙ୍କ ବକ୍ଷରା ଦୌଶଳ ପ୍ରମାଣ କରେ ନୌକା ଚାଳଣୀ ପ୍ରତିଯୋଗିତା । ଏଥିରୁ ବାଦ ପଡିନି ଐତିହାସିକ ଓ ପର୍ଯ୍ୟଟନ ର ସହର ସୁବର୍ଣପୁର । ଆଜି ସୋନପୁର ଭଗବତ୍ ପାଠାଗାର ପକ୍ଷରୁ ୬୩ ତମ ରାଜ୍ୟ ସ୍ତରୀୟ ନୌକା ପ୍ରତିଯୋଗୀତା ଓ ବାଳକ ଭୋଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ୭ ଟି ଜିଲ୍ଲା ରୁ ୬୦ ଯୋଡି ସମୁବୟ ୧୨୦ ପ୍ରତିଯୋଗୀ ଏଠାରେ ଭାଗ ନେଇଥିବା ବେଳେ ପ୍ରଥମେ ୫ ଗୋଟି ରାଉଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେଥିରୁ ୧୦ ଟି ଯୋଡ଼ି କୁ ଫାଇନାଲ ରାଉଣ୍ଡ ପାଇଁ ମନୋନୀତ କରା ଯାଇଥିଲା ଏବଂ ଶେଷ ରାଉଣ୍ଡ ରେ ୧୦ ଟି ଯୋଡି ଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତା ରେ ପ୍ରଥମ ବିଜେତା ହୋଇଥିଲେ ସମ୍ବଲପୁର ଜିଲ୍ଲା ର ବିଶ୍ୱନାଥ ବଣ୍ଟ ସେନା ଓ ବିକାଶ ସାହୁ ଦ୍ୱିତୀୟ ବିଜେତା ହେଲେ ସୁବର୍ଣପୁର ଜିଲ୍ଲା ର ପୁଜିତ ତରିଆ ଓ ଅଜି ବେହେରା ଏବଂ ତୃତୀୟ ବିଜେତା ହେଲେ ବୌଦ୍ଧ ଜିଲ୍ଲାର ସତ୍ୟ ନାରାୟଣ ବେହେରା ଓ ରାଜୀବ ଢୁଲ୍ଲା ଆଜି ମୁଖ୍ୟ ଅତିଥି ଭାବେ ସୁବର୍ଣପୁର ଜିଲ୍ଲାପାଳ ଦେବାଶିଷ୍ ସିଂ ଯୋଗ ଦେଇ ଏ ଐତିହାସିକ ବେଳୁଜି ଘାଟ ଓ ଇଙ୍କେଶ୍ୱରୀ ପୀଠର ବିକାଶ ସହିତ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ପ୍ରୟାସ ଜାରି ରହିବ ବୋଲି କହିଥିଲେ ଓ ଏଠାକାର ଭବ୍ୟ ଧର୍ମଶାଳା କୁ ପୁନରୁଦ୍ଧାର କରାଯିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ଏସପି ନାରାୟଣ ନାଏକ, ଏ ଡି ଏମ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ଡ଼ ସୌମ୍ୟ ରୁପା ରଥ, ସମାଜ ସେବୀ ଗୋବିନ୍ଦ ମହାରଣା, ଶ୍ରୀବତ୍ସ ମଲ୍ଲିକ, ପ୍ରାକ୍ତନ ଅଧକ୍ଷ ପ୍ରକାଶ ସାହୁ, ସମାଜ ସେବୀ ଅରବିନ୍ଦ ବାରିକ, ବିଜେପି ନେତା ସାନନ୍ଦ ବାରିକ୍, ଯୁବ ନେତା ଅମୀୟ ରଞ୍ଜନ ଦାଶ ଯୋଗ ଦେଇ ଜିଲ୍ଲାପାଳ ଙ୍କ ସମେତ ସମସ୍ତ କ୍ରୀଡ଼ି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରିଥିଲେ। ସାୟାଦିକ ମନୋରଞ୍ଜନ ତ୍ରିପାଠୀ ସଭା ସଂଯୋଜନା କରିଥିବା ବେଳେ ଭାଗବତ ପାଠାଗାର ସଂପାଦକ ପବିତ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜୁନ୍ ବେହେରା ଅତିଥି ଙ୍କୁ ସ୍ୱାଗତ କରି ସଭା ସାଜ୍ଜ କରିଥିବେ ସନ୍ଧ୍ୟା ୧୧ ଟା ରେ ସାମୁହିକ ବାଳକ ଭୋଜନ ସମାରୋହ ଅନୁଷ୍ଠିତ ହୋଇଥିଲା ନୌକା ପ୍ରତିଯୋଗୀତା ଓ ବାଳକ ଭୋଜନ ସମାରୋହକୁ ଜିଲ୍ଲାପାଳ ଶ୍ରୀ ସିଂ ଉଦ୍ଘାଟନ କରିଥିବା ବେଳେ ଏଥିରେ ୫ ହଜାର ରୁ ଉର୍ଦ୍ଧ୍ୱ ବାଳକ ବାଳିକା ଯୋଗ ଦେଇଥିଲେ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ କୁ ହଜାର ଦର୍ଶକ ଉପଭୋଗ କରିଥିଲେ ।

ଆନ୍ଧ୍ର ଯାଉଛି ଓଡ଼ିଶାର ଧଳାସୁନା

ଉଚ୍ଚ ଷ୍ଟାପଲ୍ ଶକ୍ତି ଏବଂ ନିମ୍ନ ମାଇକ୍ରୋନେୟାର ସନ୍ନେ ଜନଜାତି ଅଟଂଳରେ ହୋଇପାରୁନି ବୟନ ଶିଳ୍ପ



ରାୟଗଡା,୨୬/୧୧(ନି/ପ୍ର):ଦେଶ ବିଦେଶରେ ଧଳାସୁନାର ଅଟଂଳ ରହିଛି ରାୟଗଡ଼ା ଜିଲ୍ଲାର ଜନଜାତି ବହୁଳ ଅଟଂଳ ଗୁଣପୁରକୁ ବୁଝାଏ। ଏଠିକାର ଧଳାସୁନା କୁହାଯାଇଥିବା କପାର ମାନ ସେମିତି ଉନ୍ନତ, ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଏହି ଅଟଂଳ ସବୁ ମହଲରେ ଅଗ୍ରଣୀ ହୋଇ ଆସିଛି। ଲଗାତାର ଭାବେ ଗତ ତିନି ଦଶନ୍ଧି ହେଲା ଏହି ଜନଜାତି ଅଟଂଳରେ କପା ଚାଷ ବଢ଼ି ଚାଲିବା ସହ ସେହି ତୁଳନାରେ ଉତ୍ପାଦନ ମଧ୍ୟ ବଢ଼ି ଚାଲିଛି, ଯାହା ରାଜ୍ୟରେ ରେକର୍ଡ ସୃଷ୍ଟି କରିଛି। ହେଲେ ଏହି ଅଟଂଳରେ ବୟନ ଶିଳ୍ପ ନଥିବା ଜାଣଶୁଣ ପ୍ରତ୍ୟେକ ବର୍ଷ ଲକ୍ଷାଧିକ ତୁଳ କପା ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ଗୁଣ୍ଟୁରକୁ ଚାଲି ଯାଉଛି। ସ୍ଥାନୀୟ ଅଟଂଳରେ ପର୍ଯ୍ୟାପ୍ତ ସରକାରୀ ଜମି ଓ ନଦୀ ଜଳ ସହ ଆବଶ୍ୟକ ବିଦ୍ୟୁତ ସୁବିଧା ଅଛି। ଆବଶ୍ୟକୀୟ ପରିମାଣର କପା ଉତ୍ପାଦନ ହେଉଥିବାରୁ ଜଟଂମାଇଲର ଅଭାବ ମଧ୍ୟ ନାହିଁ। ତଥାପି ବୟନ ଶିଳ୍ପ ପ୍ରତିଷ୍ଠା ଦିଗରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହିଁ ପ୍ରତିବନ୍ଧକ ସାଜିଛି। ବଂଶଧାରା ଉପତ୍ୟକାର ଉର୍ବର ମାଟି ଗୁଣପୁର ଅଟଂଳଟି ବଂଶଧାରା ନଦୀ ଅବବାହିକାରେ ଥିବାରୁ ଏଠାରେ ବଂଶଧାରା ଉପତ୍ୟକାରେ ଅତ୍ୟଧିକ ଉର୍ବର ମାଟି ରହିଛି । ଏହି ଅଟଂଳରେ କୃଷ୍ଣ କାର୍ପାସ ମୃତ୍ତିକା ଅଧିକ ପରିମାଣରେ ରହିଛି, ଯାହା କପା ଚାଷ ନିମନ୍ତେ ଅତ୍ୟନ୍ତ ଉତ୍କୃଷ୍ଟ । ତେଣୁ ଚାଷୀମାନେ ୧୯୯୪-୯୫ ମସିହାରୁ ଏଠାରେ କପା ଚାଷ ଆରମ୍ଭ କରିଥିଲେ। ସରକାରୀ ଭାବେ ୧୯୯୬ ମସିହାଠାରୁ ଏଠାରେ ମୋଟ ୩୭୫୦ ଏକର ଜମିରେ କପା ଚାଷ ଆରମ୍ଭ କରାଯାଇଥିଲା ବୋଲି ଜଣାଯାଏ। ପରବର୍ତ୍ତୀ ସମୟରେ ଏହା ପ୍ରାୟ ସମସ୍ତ ବ୍ଲକ୍କୁ ପରିବ୍ୟାପ୍ତ ହୋଇଥିଲା । ଉଚ୍ଚ ଚାହାରାଡ଼ି ଷ୍ଟାପଲ୍ ଲମ୍ବ ୩୦ ମି.ମି.ରୁ ୩୩ ମି.ମି., ଉଚ୍ଚ ଜିନିଙ୍ଗ୍ ଶତଡ଼ା, ନିମ୍ନ ମାଇକ୍ରୋନେୟାର, କମ୍ ଆର୍ଦ୍ରତା ପରିମାଣ ଯୋଗୁଁ ଏହି ଅଟଂଳର କପା ଭାରତ ତଥା ଭାରତ ବାହାରେ ମଧ୍ୟ ଚାହିଦା ରହିଆସିଛି । ତେଣୁ କପା ଅମଳ ସମୟରେ ଓଡ଼ିଶା ବ୍ୟତୀତ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼, ମଧ୍ୟପ୍ରଦେଶ ପ୍ରଭୃତି ରାଜ୍ୟରୁ ମଧ୍ୟ କପା ବ୍ୟବସାୟୀ ଗୁଣପୁର ଅଟଂଳକୁ କପା କ୍ରୟ କରିବା ନିମନ୍ତେ ଆସିଥାନ୍ତି । ଗତ ତିନି ବର୍ଷର ସରକାରୀ ତଥ୍ୟରୁ ଜଣାଯାଇଛି - ୨୦୧୬-୧୭ ରେ ୨୨,୬୫୧ ହେକ୍ଟରରେ କପା ଚାଷ ହୋଇଥିବା ବେଳେ ୨,୬୧,୦୫୬.୨୭ କୁଇଣ୍ଟାଲ କପା ଉତ୍ପାଦନ ହୋଇଥିଲା । ୨୦୨୨-୨୩ ବେଳକୁ ୨୭,୪୩୬ ହେକ୍ଟର ଜମିରେ କପା ଚାଷ ହୋଇଥିବା ବେଳେ ୨,୦୫,୨୨୫ କୁଇଣ୍ଟାଲ କପା ଉତ୍ପାଦନ ହୋଇଥିଲା । ଗତବର୍ଷ ପ୍ରାୟ ୩୩ ହଜାରରୁ ଉର୍ଦ୍ଧ୍

ବିବିଧା

ରାଶି ଫଳ

ମେଷ: ଦିନଟି ଉତ୍ସାହଜନକ ରହିବ। କର୍ମକ୍ଷେତ୍ରରେ ନୂଆ ସୁଯୋଗ ମିଳିପାରେ। ପରିବାର ସହ ଭଲ ସମୟ ବିତାଇବେ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀଙ୍କ ପାଇଁ ଭଲ ସମୟ।

ବୃଷ: ମନରେ କିଛି ନକରାତ୍ମକ ଚିନ୍ତା ଆସିପାରେ। କଥାବାର୍ତ୍ତା ସମୟରେ ସଂଯମ ରଖନ୍ତୁ। ଆର୍ଥିକ ମାମଲାରେ ସତର୍କ ରୁହନ୍ତୁ। ପରିସ୍ଥିତିରେ ସୁଧାର ଆସିବ। ଦାମ୍ପତ୍ୟରେ ଚିକ୍କଣତା ଦେଖା ଦେବ।

ମିଥୁନ: ଦିନଟିରେ ଆତ୍ମବିଶ୍ୱାସ ବଢ଼ିବ। ଅଫିସ୍‌ରେ ନୂଆ ଦାୟିତ୍ୱ ମିଳିପାରେ। ବ୍ୟବସାୟରେ ଉନ୍ନତିର ସୁଯୋଗ ଅଛି। ପରିବାରରେ ଖୁସିର ବାତାବରଣ ରହିବ।

କର୍କଟ: ଆର୍ଥିକ ସ୍ଥିତିରେ ସୁଧାର ଆସିପାରେ। ଅଯଥା ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବେ। ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ଲାଭଦାୟକ ହେବ। ସାସ୍ଥ୍ୟରେ ମଧ୍ୟରତା ବଢ଼ିବ।

ସିଂହ: ଦିନଟି ଶୁଭଜନକ ପ୍ରଦାନ କରିବ। କର୍ମକ୍ଷେତ୍ରରେ ସଫଳତା ମିଳିପାରେ। ଅଧିରା କାମ ପୂରଣ ହେବ। ସମାଜରେ ମାନସମ୍ମାନ ବଢ଼ିବ। ପ୍ରେମ ଜୀବନ ସୁଖମୟ ହେବ।

କନ୍ୟା: ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। କୌଣସି ନିଷ୍ପତ୍ତି ନେବାରେ ଦ୍ରୁତ ଦେଖାଦେଇପାରେ। ଅର୍ଥ ନିବେଶ କରିବା ପୂର୍ବରୁ ଚିନ୍ତା କରନ୍ତୁ। ଯୋର୍ଯ୍ୟ ରଖିଲେ ସଫଳତା ମିଳିବ।

ତୁଳା: ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ। ନୂଆ କାମ ଆରମ୍ଭ କରିବାର ଯୋଜନା କରିପାରନ୍ତି। ପୁରୁଣା ନିବେଶରୁ ଲାଭ ମିଳିପାରେ। ବନ୍ଧୁଙ୍କ ସହ ସମ୍ପର୍କ ମଜବୁତ ହେବ।

ବିଛା: କର୍ମକ୍ଷେତ୍ରରେ ବଢ଼ିବା ସମ୍ଭାବନା ବଢ଼ିବ। ନିଜ ଇଚ୍ଛା ପ୍ରତି ଧ୍ୟାନ ଦେଲେ ସଫଳତା ମିଳିବ। ପରିବାର ସହ ଖୁସି ସମୟ ବିତାଇବେ। ଘରର ଜରୁରି ପାଇଁ ଯୋଜନା କରିପାରନ୍ତି।

ଧନୁ: ଭାଗ୍ୟ ସାଥିରେ ଦେବ। ବରିଷ୍ଠଙ୍କ ଆଶୀର୍ବାଦରେ ଅଟକି ଥିବା କାମ ପୂରଣ ହୋଇପାରେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଆଧ୍ୟାତ୍ମିକ କାର୍ଯ୍ୟରେ ମନ ଲାଗିବ।

ମକର: ମନରେ ଅସ୍ଥିରତା ଦେଖା ଦେଇପାରେ। କର୍ମକ୍ଷେତ୍ରରେ ଧୈର୍ଯ୍ୟର ସହ କାମ କରନ୍ତୁ। ଆର୍ଥିକ ନିବେଶରେ ସତର୍କ ରୁହନ୍ତୁ। ଦାମ୍ପତ୍ୟ ଜୀବନରେ ପୁରୁଣା କଥାକୁ ନେଇ ବିବାଦ କରନ୍ତୁନି।

କୁମ୍ଭ: କର୍ମକ୍ଷେତ୍ରରୁ ଶୁଭ ଖବର ମିଳିପାରେ। ପରିବାରରେ ଖୁସିର ମାହୋଲ ରହିବ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଭଲ ରହିବ। ନୂଆ ଯୋଜନାରେ ସଫଳତା ମିଳିପାରେ।

ମୀନ: ଚାକିରି କ୍ଷେତ୍ରରେ ଭଲ ସୁଯୋଗ ମିଳିପାରେ। ଅଧିକ ଦାୟିତ୍ୱ ମିଳିବା ପ୍ରତି ମନୋନିବେଶ ଆବଶ୍ୟକ। ପାରିବାରିକ ଜୀବନ ଖୁସିମୟ ରହିବ। ଆର୍ଥିକ ଯୋଜନା ପ୍ରତି ଧ୍ୟାନ ଦିଅନ୍ତୁ।

ଆଜିର ଇତିହାସ

- ୧୮୮୫- ପ୍ରଥମ ଥର ପାଇଁ ଭଲ୍‌କାପିଣ୍ଡର ଫଟୋଚିତ୍ର ଉତ୍ତୋଳନ କରାଗଲା।
- ୧୯୬୨- ଲିସବନ୍‌ରେ ବାଦଲ ଫାଟିବାରୁ ୪୫୦ ଲୋକଙ୍କ ମୃତ୍ୟୁ।
- ୨୦୦୮- ମୁମ୍ବାଇର ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ଯୋଗୁଁ ୧୬୨ ଜଣଙ୍କ ପ୍ରାଣହାନି, ୩୦୦ରୁ ଅଧିକ ଆହତ।
- ୨୦୧୨- ଅରବିନ୍ଦ କେଜ୍ରିୱାଲ୍ 'ଆମ୍ ଆଦ୍‌ମୀ ପାର୍ଟି' ନାମକ ଏକ ରାଜନୈତିକ ଦଳ ଆରମ୍ଭ କଲେ।

'କିଙ୍ଗ୍' ଟ୍ରେଲରକୁ ନେଇ ମାଷ୍ଟର ପ୍ଲାନ୍



ବଲିଉଡ୍ ବାଦଶାହ ଶାହରୁଖ ଖାନ୍‌ଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'କିଙ୍ଗ୍'କୁ ନେଇ ଏବେ ସାରା ଦେଶରେ ଉତ୍ସାହ ଚରମ ସୀମାରେ ପହଞ୍ଚିଛି। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ମଲ୍ଟି-ଷ୍ଟାରର ଫିଲ୍ମକୁ ନେଇ ପ୍ରତିଟି ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଗତ ନଭେମ୍ବର ୨ ତାରିଖରେ ଶାହରୁଖ୍‌ଙ୍କ ଜନ୍ମଦିନ ଅବସରରେ ଫିଲ୍ମର ପୀଷ୍ଟ ଲୁକ୍ ପୋଷ୍ଟର ଏବଂ ପ୍ରଥମ ରୋମାଣ୍ଟିକ୍ ଗୀତ 'ତୁ ମିଲ୍ ଜାଏ' ରିଲିଜ୍ ହେବା ପରେ, ଏବେ ସମସ୍ତଙ୍କ ନଜର ଫିଲ୍ମର ଟ୍ରେଲର୍ ଉପରେ ରହିଛି। ବିଭିନ୍ନ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, 'କିଙ୍ଗ୍'ର ଟ୍ରେଲରକୁ ନେଇ ଏହାର ନିର୍ମାତାମାନେ କୌଣସି ପ୍ରକାରର ସାଲିସ୍ କରିବାକୁ ଚାହୁଁନାହାନ୍ତି। ବର୍ତ୍ତମାନ ଟ୍ରେଲର୍ ପାଇନାଲ୍ କଟ୍ ଉପରେ କାମ ଚାଲିଛି। ସୂଚନା ମୁତାବକ, ଟ୍ରେଲରର ଅବଧି ପ୍ରାୟ ୩ ରୁ ୩.୫ ମିନିଟ୍ ମଧ୍ୟରେ ରହିପାରେ। ସାଧାରଣତଃ ଏତେ ଲମ୍ବା ଟ୍ରେଲରରେ ଫିଲ୍ମର କାହାଣୀ ଜଣାପଡ଼ିଯିବାର ଭୟ ଥାଏ। ହେଲେ ଫିଲ୍ମ ନିର୍ମାତା ଏଥିପାଇଁ ଏକ ସ୍ୱତନ୍ତ୍ର ରଣନୀତି ଆପଣାଇଛନ୍ତି। ଟ୍ରେଲରରେ ଫିଲ୍ମର ମୁଖ୍ୟ କାହାଣୀକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯିବ। ଏହା ବଦଳରେ ବର୍ଷାଳଙ୍କ ଉତ୍ସୁକତା ବଢ଼ାଇବା ପାଇଁ ଭିନ୍ନ ଭିନ୍ନ ହାଇ-ଅକ୍ଟେନ୍ ଆକ୍ସନ ସିନ୍, ଚରିତ୍ରଗୁଡ଼ିକର ଦମଦାର ଝଲକ୍ ଏବଂ ସୋସାଲ୍ଟଙ୍କର ଦୃଶ୍ୟକୁ ଏଥିରେ ସ୍ଥାନ ଦିଆଯାଇଛି, ଯେପରିକି ପ୍ରେକ୍ଷାଳୟକୁ ଯିବା ପର୍ଯ୍ୟନ୍ତ ଦର୍ଶକଙ୍କ ମନରେ ସସପେନ୍ସ ବଜାୟ ରହିବ। ସିଦ୍ଧାର୍ଥଙ୍କ ଫିଲ୍ମରେ ଷ୍ଟାଇଲିସ୍ ଆକ୍ସନ୍ ସହ ବ୍ୟାକଗ୍ରାଉଣ୍ଡ ମ୍ୟୁଜିକ୍‌ର ଏକ ବଡ଼ ଭୂମିକା ଥାଏ। 'କିଙ୍ଗ୍'ର ଟ୍ରେଲରରେ ମଧ୍ୟ ଆକ୍ସନ୍, ଗୋମାଞ୍ଚ ଏବଂ ସାଙ୍ଗୀତ ମଧ୍ୟରେ ସଠିକ୍ ସନ୍ତୁଳନ ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସଚିନ-ଜିଗର ଏବଂ ଅନିରୁଦ୍ଧ ରବିଚନ୍ଦରଙ୍କ ଦମ୍‌ଦାର ସଙ୍ଗୀତ ଟ୍ରେଲରର ଆକର୍ଷଣକୁ ଦ୍ୱିଗୁଣିତ କରିବ ବୋଲି ଆଶା କରାଯାଉଛି। ଫିଲ୍ମ ରିଲିଜ୍ ହେବାର ଠିକ୍ ୧୦ ଦିନ ପୂର୍ବରୁ ଅର୍ଥାତ୍ ଆସନ୍ତା ଡିସେମ୍ବର ୧୪ ତାରିଖରେ ଏକ ଭବ୍ୟ କାର୍ଯ୍ୟକ୍ରମରେ ଟ୍ରେଲର ଲଞ୍ଚ୍ କରିବାକୁ ଯୋଜନା ରହିଛି। ରିଲିଜ୍‌ର ଏତେ ନିକଟତର ଟ୍ରେଲର ଆଣିବା ଦ୍ୱାରା ଆହୁରୀ ଚହଲ ପହଲ ସୃଷ୍ଟି ହେବା ସହ ଫିଲ୍ମ ପ୍ରତି ଦର୍ଶକଙ୍କ ଆଗ୍ରହ ବଢ଼ିବ ବୋଲି ନିର୍ମାତା ବିଶ୍ୱାସ କରୁଛନ୍ତି। ଉଲ୍ଲେଖ୍ୟ, ରିଲିଜ୍ ଏଣ୍ଟରଟେନମେଣ୍ଟ ଏବଂ ମାର୍ଫ୍ଲିକ୍ ପିକ୍ଚର୍ସ ବ୍ୟାନରରେ ନିର୍ମିତ ଏହି ଅଣ୍ଡରୱାର୍ଲ୍ଡ ଥ୍ରିଲର୍‌ରେ ଶାହରୁଖ୍‌ଙ୍କ ସହ ତାଙ୍କ ଝିଅ ସୁହାନା ଖାନ୍ ବଡ଼ ପରଦାରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏହାବ୍ୟତୀତ ଅଭିଷେକ ବଚ୍ଚନ, ବାପିକା ପାଦୁକୋଣ, ରାଣୀ ମୁଖାର୍ଜୀ, ଅନିଲ କପୁର ଏବଂ ଜୟଦୀପ ଅହଲାୱତ ପ୍ରମୁଖ ନଜର ଆସିବେ। ଆସନ୍ତା ଡିସେମ୍ବର ୨୪, ୨୦୨୬ରେ ଖ୍ରୀଷ୍ଟମାସ ଅବସରରେ ଏହା ମୁକ୍ତିଲାଭ କରିବ।

ଆଜିର ଭାଗ୍ୟବତ୍ତ୍ୱ

ପ୍ରତିମଣ ସମୟରେ ହୋଟେଲ ରୁମ୍ ବୁକ୍ କରିବା ବେଳେ ପ୍ରତ୍ୟେକ ଯାତ୍ରୀ ଏକ ପରିଷ୍କାର ଏବଂ ଆରାମଦାୟକ ଶଯ୍ୟା ଆଶା କରିଥାନ୍ତି। ହେଲେ ଅନେକ ସମୟରେ ଦାମୀ ହୋଟେଲରେ ମଧ୍ୟ ଗନ୍ଧି କିମ୍ବା ଚଟିଆ ଭିତରେ ଛାରପୋକ ଥିବା ଦେଖିବାକୁ ମିଳେ, ଯାହା ଯାତ୍ରୀଙ୍କ ନିଦ ହଜାଇବା ସହ ଅନେକ ସମୟରେ ଚର୍ମ ରୋଗର କାରଣ ପାଲଟେ। ଏହି ସମସ୍ୟାରୁ ଯାତ୍ରୀମାନଙ୍କୁ ସୁରକ୍ଷା ଦେବା ପାଇଁ ଚୀନ୍‌ରେ 'ବେଡ୍‌ବଗ୍‌ମ୍ୟାପ୍' ନାମକ ଏକ ନିଆରା ଡିଜିଟାଲ ପ୍ଲାଟଫର୍ମ ଆରମ୍ଭ ହୋଇଛି। ଏହି ପ୍ଲାଟଫର୍ମଟି ଯାତ୍ରୀମାନଙ୍କ ଦ୍ୱାରା ଫଟୋହୀତ ତଥ୍ୟ ଆଧାରରେ କାମ କରେ। କୌଣସି ଯାତ୍ରୀ ଯଦି ହୋଟେଲରେ ରହିବା ସମୟରେ ଛାରପୋକ କିମ୍ବା ଅନ୍ୟାନ୍ୟ ଜୀଟପଟଙ୍গର ସନ୍ଧୁଖୀନ ହୁଅନ୍ତି, ତେବେ ସେ ଏହି ମ୍ୟାପରେ ସେହି ହୋଟେଲକୁ ଚିହ୍ନିତ କରିପାରିବେ। ଏହାଦ୍ୱାରା ପରବର୍ତ୍ତୀ ସମୟରେ ବୁକିଂ କରିବାକୁ ଯାଉଥିବା ଅନ୍ୟ ଯାତ୍ରୀମାନେ ପୂର୍ବରୁ ସତର୍କ ହୋଇପାରିବେ। ସେପ୍ଟେମ୍ବର ୨୧ ତାରିଖରେ ଏହି ଆପ୍ ଲଞ୍ଚ୍ ହେବା ପରେ ଏହା ଖୁବ୍ କମ୍ ସମୟ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇଛି। ମାତ୍ର କିଛି ସପ୍ତାହ ଭିତରେ ଏହାର ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ୨ ଲକ୍ଷରେ ପହଞ୍ଚିଥିବା ବେଳେ ଚୀନ୍‌ର ୬୦୦ରୁ ଅଧିକ ହୋଟେଲକୁ ଏଥିରେ 'ଅସୁରକ୍ଷିତ' ଭାବେ ଚିହ୍ନିତ କରାଯାଇଥିଲା। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ବିନା କୌଣସି ପ୍ରମାଣରେ ବିଧାପବଳଖ ଅଭିଯୋଗ କରିବାର ସୁବିଧା ଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ଅନେକ ହୋଟେଲ ମାଲିକ ଏହାକୁ ବ୍ୟବସାୟିକ ଷଡ଼ଯନ୍ତ୍ର ଓ ତଦନାମ କରିବାର ମାଧ୍ୟମ କହି ବିରୋଧ କରିଥିଲେ, ଫଳରେ ଅକ୍ଟୋବର ମାସରେ ଏହାକୁ ସାମୟିକ ଭାବେ ବନ୍ଦ କରିବାକୁ ପଡ଼ିଥିଲା। ବର୍ତ୍ତମାନ ଏହି ପ୍ଲାଟଫର୍ମର ନିୟମକୁ କଡ଼ାକଡ଼ି କରାଯାଇଛି। ଏବେ କୌଣସି ହୋଟେଲ ବିରୋଧରେ ତଥ୍ୟ ଦେବାକୁ ହେଲେ ଯାତ୍ରୀଙ୍କୁ ଛାରପୋକ ଥିବାର ସ୍ପଷ୍ଟ ପଟୋ କିମ୍ବା ପ୍ରମାଣ ଅପଲୋଡ୍ କରିବାକୁ ପଡ଼ୁଛି। ଟିମ୍ ଦ୍ୱାରା ଏହାର ଯାଞ୍ଚ କରାଯିବା ପରେ ହିଁ ସମ୍ପୃକ୍ତ ହୋଟେଲର ନାମ ମ୍ୟାପରେ ପ୍ରଦର୍ଶିତ ହେଉଛି। ଭବିଷ୍ୟତରେ ପର୍ଯ୍ୟଟନ ଶିଳ୍ପରେ ସ୍ୱଚ୍ଛତା ଆଣିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି।



ସମ୍ବିଧାନ ଦିବସ



ପ୍ରତିବର୍ଷ ନଭେମ୍ବର ୨୬ ତାରିଖକୁ ସମଗ୍ର ଭାରତବର୍ଷରେ 'ସମ୍ବିଧାନ ଦିବସ' ଭାବେ ପାଳନ କରାଯାଏ। ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଭାରତୀୟ ସମ୍ବିଧାନ ସଭା ଆମ ଦେଶର ସମ୍ବିଧାନକୁ ବିଧିବଦ୍ଧ ଭାବେ ଗ୍ରହଣ କରିଥିଲା ଏବଂ ପରବର୍ତ୍ତୀ ସମୟରେ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇଥିଲା। ଏହି ଐତିହାସିକ ଦିନଟିର ମହତ୍ତ୍ୱକୁ ସ୍ମରଣ କରିବା ପାଇଁ ୨୦୦୫ ମସିହାରେ ଭାରତ ସରକାର ନଭେମ୍ବର ୨୬କୁ 'ସମ୍ବିଧାନ ଦିବସ' ଭାବେ ପାଳନ କରିବାକୁ ଘୋଷଣା କରିଥିଲେ। ଭାରତୀୟ ସମ୍ବିଧାନ ହେଉଛି ବିଶ୍ୱର ସର୍ବବୃହତ୍ ଲିଖିତ ସମ୍ବିଧାନ। ଏହାକୁ ପ୍ରସ୍ତୁତ କରିବା ପାଇଁ ଡକ୍ଟର ବାବାସାହେବ୍ ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ଗଠିତ ସମ୍ବିଧାନ ସଭା ଏବଂ ଡକ୍ଟର ରାମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ଗଠିତ ଡ୍ରାଫ୍ଟିଂ କମିଟି ଅକ୍ଲାନ୍ତ ପରିଶ୍ରମ କରିଥିଲେ। ଦୀର୍ଘ ୨ ବର୍ଷ, ୧୧ ମାସ ଓ ୧୮ ଦିନର ନିରନ୍ତର ପ୍ରୟାସ, ବିତର୍କ ଏବଂ ସଂଶୋଧନ ପରେ ଏହା ପ୍ରସ୍ତୁତ ହୋଇଥିଲା। ତେଣୁ ଡକ୍ଟର ବି. ଆର. ଆମ୍ବେଦକରଙ୍କୁ ଭାରତୀୟ ସମ୍ବିଧାନର ଜନକ ଭାବେ ସମ୍ମାନିତ କରାଯାଏ। ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଓ ସୁଯୋଗ ପ୍ରଦାନ କରିବା ହେଉଛି ଆମ ସମ୍ବିଧାନର ମୁଖ୍ୟ ଆଦର୍ଶ। ସମ୍ବିଧାନ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନାଗରିକମାନଙ୍କ ମଧ୍ୟରେ ସାମ୍ବିଧାନିକ ମୂଲ୍ୟବୋଧ, ମୌଳିକ ଅଧିକାର ଏବଂ ମୌଳିକ କର୍ତ୍ତବ୍ୟ ପ୍ରତି ସଚେତନତା ସୃଷ୍ଟି କରିବା। ସମଗ୍ର ବିଶ୍ୱରେ ଭାରତର ସମ୍ବିଧାନର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ସମ୍ବିଧାନ କେବଳ ଏକ ଆଇନଗତ ଦସ୍ତାବିଜ୍ ନୁହେଁ, ବରଂ ଏହା ଏକ ଜୀବନ୍ତ ଦର୍ଶନ ଯାହା ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିଛି। ଜଣେ ସଚେତନ ନାଗରିକ ଭାବେ ଆମେ କେବଳ ନିଜର ଅଧିକାର ପାଇଁ ଲଢ଼ିବା ଉଚିତ ନୁହେଁ, ବରଂ ସମ୍ବିଧାନରେ ଉଲ୍ଲେଖ ଥିବା ମୌଳିକ କର୍ତ୍ତବ୍ୟଗୁଡ଼ିକୁ ପାଳନ କରି ଦେଶର ପ୍ରଗତିରେ ଅଂଶୀଦାର ହେବା ଆବଶ୍ୟକ। ଏହି ଦିବସ ପାଳନ ଅବସରରେ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ଏସଏଚ ଓ ସମ୍ବିଧାନ ସଂପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଆଗାମୀ ପିଢ଼ିକୁ ସମ୍ବିଧାନ ବାବଦରେ ଅଧିକ ମାର୍ଗଦର୍ଶନ କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

ସୁଖୀ

ହଜିଯାଉଥିବା ସ୍ୱାଦ

ଝଡ଼ା ମାଛ ବେସର



ଆବଶ୍ୟକ ସାମଗ୍ରୀ

ରୋହି ମାଛ – ଅଧା କିଲୋ, ଜଦଦା – ଦୁଇ ଗୋଟି, ଆଳୁ – ଦୁଇଟି, ଟମାଟୋ – ଗୋଟିଏ, ପିଆଜ କଟା – ଏକ କପ୍, ହଳଦୀଗୁଣ୍ଡ – ଅଧା ଚାମଚ, ଲଙ୍କା ଗୁଣ୍ଡ – ଏକ ଚାମଚ, ଜେରେ – ଅଧା ଚମ୍ପୁ, ଶୁଖିଲା – ଲଙ୍କା ଦୁଇଟି, ରୁଣ – ସ୍ୱାଦ ଅନୁସାରେ, ତେଲ- ଆବଶ୍ୟକତା ଅନୁସାରେ।

ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ମାଛକୁ ଧୋଇ ରୁଣ, ହଳଦୀ ସୋରିଷ ତେଲ ଦେଇ ଗୋଇଁଇ ରଖନ୍ତୁ। ଏହାପରେ ଆଳୁକୁ ଚୋପା ଚଢ଼େଇ ଏହାକୁ ଲମ୍ବାରେ କାଟି ଧୁଅନ୍ତୁ। ଠିକ୍ ସେହିପରି କଦଳୀକୁ ଚୋପା ଛଡ଼େଇ ଏହାକୁ ଲମ୍ବରେ କାଟି ରଖନ୍ତୁ। ଏହାପରେ ଚୁଲିରେ କଡ଼େଇ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଗଲେ ସେଥିରେ ମାଛ ସବୁକୁ ଦେଇ ଭାଜନ୍ତୁ। ଦୁଇ ପାଖ ନାଲି ହୋଇଗଲେ କାଢ଼ି ଦିଅନ୍ତୁ। ଏହାପରେ ସେହି କଡ଼େଇରେ ତେଲ, ଶୁଖିଲା ଲଙ୍କା, ଫୋଡ଼ନ ଦେଇ ଭାଜନ୍ତୁ। ପରେ ସେଥିରେ କଟା ଆଳୁ ଏବଂ କଟା କଦଳୀ ଦେଇ ହଳଦୀ, ରୁଣ ଏବଂ ଲଙ୍କାଗୁଣ୍ଡ ଦେଇ ଏପାଖସେପାଖ କରନ୍ତୁ। ଏହାପରେ ବେସର ଦେଇ ମଶଲା କଷନ୍ତୁ। ଏହାପରେ ଟମାଟୋ ଦେଇ ଭାଜୁଥିବା ଘୋଡ଼ାନ୍ତୁ। କିଛି ସମୟରେ ଭାଜୁଥିବା ଖୋଲି ସେଥିରେ ଭଜା ମାଛକୁ ଗୁଣ୍ଡ କରି ଦିଅନ୍ତୁ। ଏହାପରେ ଗରମ ମସଲା ଛିଞ୍ଚି ଗ୍ୟାସ୍ ବନ୍ଦ କରନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଝଡ଼ା ମାଛ ବେସର'।

ପରିଚୟ ଦେଇଛି ମଖାନା ପାମ୍ପଡ଼



ପାରମ୍ପରିକ ଖାଦ୍ୟ ତାଲିକାରେ ପାମ୍ପଡ଼ ଏକ ସାଇଡ୍ ଡିଶ୍ ଭାବେ ଖୁବ୍ ଲୋକପ୍ରିୟ। ପାମ୍ପଡ଼ ବିନା ଖାଦ୍ୟ ଅଧୁରା। ଚାଉଳ, ବିଁରି ଡାଲି, ରାଶି, ଲିଆ ଭଳି ବିଭିନ୍ନ ପାମ୍ପଡ଼ ରହିଛି। ଏହା ଖାଇବାକୁ ମଧ୍ୟ ଖୁବ୍ ସ୍ୱାଦିଷ୍ଟ ଲାଗିଥାଏ। ସେହିପରି ଏହି ପାମ୍ପଡ଼ ଏବେ ମହିଳାଙ୍କୁ ଆର୍ଥିକ ସଶକ୍ତ କରିବାର ମାଧ୍ୟମ ପାଲଟିଛି। ବିହାର ଭାଗଲପୁରର ମହିଳାମାନେ ମଖାନାରୁ ଭଲିକି ଭଲି ସ୍ୱାଦିଷ୍ଟ ପାମ୍ପଡ଼ ପ୍ରସ୍ତୁତ କରି ରୋଜଗାରକ୍ଷମ ହୋଇଛନ୍ତି।

ବିହାର ଅନେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କ୍ଷୁଦ୍ର ଉଦ୍ୟୋଗ ମାଧ୍ୟମରେ ଏକତ୍ର ହୋଇ ପାମ୍ପଡ଼, ଆଚାର, ବଡ଼ି ଆଦି ପ୍ରସ୍ତୁତ କରୁଛନ୍ତି। ଏହାକୁ ପ୍ୟାକେଟ୍ କରି ବିଭିନ୍ନ ଦୋକାନରେ ବେଚା ଏଥିରୁ ରୋଜଗାର କରୁଛନ୍ତି। ଏହି କାର୍ଯ୍ୟ ପାଇଁ ମହିଳାଙ୍କୁ ତାଲିମ ଧରି ନିଶୁଳ୍କ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ସେମାନଙ୍କୁ ମଖାନା, ଟମାଟୋ, ହରଡ଼, ମୁଗ, ଛତୁ, ସେପନ ଏବଂ ଅଟାରେ ଜଇଁ ଜଇଁ ପାମ୍ପଡ଼ ପ୍ରସ୍ତୁତିର ପ୍ରଶିକ୍ଷଣ ଦିଆଯାଇଥିଲା। ଏହାକୁ ଶିଖିବା ପରେ ମହିଳାମାନେ ଏହି ପ୍ରକ୍ରିୟା ଆପଣାର ପାମ୍ପଡ଼ ପ୍ରସ୍ତୁତ କରିଥିଲେ। ପାରମ୍ପରିକ ମଖାନା ଚାଷ ଏବଂ ଅମଳ ଉପରେ ନିର୍ଭର ନ କରି ମଖାନାରୁ ପାମ୍ପଡ଼ ଭଳି ଉତ୍ପାଦ ତିଆରି ଚାଷୀ ଏବଂ ମହିଳା ଉଦ୍ୟୋଗୀମାନେ ବେଶ୍ ଲାଭ ପାଇଛନ୍ତି।

ଏହି ପାମ୍ପଡ଼ରେ ମଖାନା, ଚାଉଳ ଚୁନା ,ଶାଗୁ ମିଶାଇ ପ୍ରସ୍ତୁତ କରାଯାଏ। ମଖାନାରେ ପ୍ରୋଟିନ୍, ଫାଇବର ଏବଂ କ୍ୟାଲସିୟମ୍ ଭରପୁର ମାତ୍ରାରେ ଥାଏ। ଏଥିରେ ଚର୍ବି ନଥାଏ। ତେଣୁ ଗ୍ରାହକମାନେ ଏହାକୁ ଅଧିକ ପସନ୍ଦ କରନ୍ତି। ମହିଳାମାନେ ନିଜର ଘର କାମ ସାରି ଅବସର ସମୟରେ ଏହି ପାମ୍ପଡ଼ ବେଲି ଶୁଖାନ୍ତି। ପାମ୍ପଡ଼କୁ ଓଦାରୁ ସୁରକ୍ଷା ଦେବା ପାଇଁ ଏଥିରେ ଏୟାର ଟାଇଟ୍ ପ୍ୟାକେଟ୍ ବ୍ୟବହାର ମଧ୍ୟ କରନ୍ତି। ମହିଳାମାନେ ପାମ୍ପଡ଼ ସହ ବିଭିନ୍ନ ଆଚାର, ବଡ଼ି ଆଦି ପ୍ରସ୍ତୁତ କରନ୍ତି। ଏହି ମଖାନା ପାମ୍ପଡ଼ ବିହାରରେ ବେଶ୍ ଲୋକପ୍ରିୟ। ସ୍ଥାନୀୟ ମହିଳାମାନେ ପରିଶ୍ରମ ଏବଂ ନିଷ୍ଠା ବଳରେ ଆତ୍ମନିର୍ଭର ହୋଇଛନ୍ତି।

ବ୍ରାଇଡ୍ କିଟ୍

ସାଧାରଣତଃ ବିବାହ ପରେ ଅନେକ ପରିବର୍ତ୍ତନ ଆସିଥାଏ। ନବବଧୂକୁ ଶାଶୁଘର ଲୋକଙ୍କ ଆଗରେ ସବୁବେଳେ ପ୍ରସ୍ତୁତ ହୋଇ ରହିବାକୁ ପଡ଼େ। ତେଣୁ ଛୋଟ ମୋଟ ସମସ୍ୟାରୁ ବର୍ତ୍ତିବା ପାଇଁ ପାଖରେ ବ୍ରାଇଡ କିଟ୍ ରଖିବା ଜରୁରି।



ଲିପ୍ ବାମ୍

ବିବାହ ପରେ ପୂଜାପର୍ବ ଏବଂ ଘରକୁ ଅତିଥିଙ୍କ ଯିବାଆସିବା ଲାଗି ରହେ। ଏଣୁ ବାର୍ତ୍ତା ସମୟ ମୁହଁରେ ମୋଇଶ୍ଚ୍ୟୁଲାଇଜର ରଖିବେ ହେଲି ଅତୁଳ୍ଭୁତ ହୁଏ ଏବଂ ଓଠ ଶୁଖିଯାଏ। ତେଣୁ ପାଖରେ ଏକ ଲିପବାମ୍ ଏବଂ ଜମ୍ପାକୁ ପାଉଚର୍ ରଖିଲେ ଏହା ବେଶ୍ ସହାୟକ ହୋଇଥାଏ।

ପରଫ୍ୟୁମ୍

ସାଧାରଣତଃ ଘରେ ଦୈନନ୍ଦିନ କାର୍ଯ୍ୟ କରିବା ପରେ ଝାଳ ବାହାରେ। ତେଣୁ ପାଖରେ ଏକ ଛୋଟ ପରଫ୍ୟୁମ୍ ରଖନ୍ତୁ। ଏହା ଏକ ସତେଜ ସୁରଭି ଦେଇଥାଏ। ଏହା ଦିନ ସାରା ମୁଡ଼କୁ ମଧ୍ୟ ଭଲ ରଖିଥାଏ

ଉତ୍କଳ ସମାଗୁରୁ

ସମ୍ପାଦକୀୟ...

ଶୁକ୍ରବାର ୨୭ ନଭେମ୍ବର ୨୦୨୭

ଉଚ୍ଚଶିକ୍ଷାକୁ ନୂଆ ଦିଗ

ଶିକ୍ଷା ଢେବକ ପାଠ୍ୟପୁସ୍ତକ, ପରୀକ୍ଷା ଓ ପ୍ରମାଣପତ୍ର ମଧ୍ୟରେ ସୀମିତ ନୁହେଁ, ଏହା ଏକ ସମାଜର ଚିନ୍ତାଧାରା, ନୈତିକତା, ଅର୍ଥନୈତିକ ସାମର୍ଥ୍ୟ ଓ ଭବିଷ୍ୟତ ନିର୍ମାଣର ସବୁଠାରୁ ବଡ ଆଧାର। ଏହି ବ୍ୟବସ୍ଥାକୁ ଗତିଶୀଳ ରଖିବା ପାଇଁ ଶିକ୍ଷକଙ୍କ ନିଷ୍ଠା ଯେତିକି ଆବଶ୍ୟକ, ଶିକ୍ଷାନୁଷ୍ଠାନର ପ୍ରଶାସନିକ ନେତୃତ୍ୱ ସେତିକି ଗୁରୁତ୍ୱପୂର୍ଣ୍ଣ। ଏକ ମହାବିଦ୍ୟାଳୟର ଅଧକ୍ଷ ଏକ ପଦବୀରେ ଅବସ୍ଥାପିତ ବ୍ୟକ୍ତି ହୁଅଁନ୍ତି, ସେ ଶିକ୍ଷାର ପରିବେଶ, ଶୃଙ୍ଖଳା, ଶିକ୍ଷକଙ୍କ ଦାୟିତ୍ୱବୋଧ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ଅନୁଷ୍ଠାନର ସାମଗ୍ରିକ ବିକାଶର ମୁଖ୍ୟ ଦାୟିତ୍ୱ ବହନ କରନ୍ତି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ସ୍ୱାକୃତି ଦେଇ ରାଜ୍ୟର ଦେସରାକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡିକର ଭାରପ୍ରାପ୍ତ ଅଧକ୍ଷଙ୍କ ପାଇଁ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଶିକ୍ଷା ପ୍ରଶାସନ ପ୍ରତି ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛି। ଏହାକୁ ଢେବକ ପାଂଚ ହଜାରରୁ ବଣ ହଜାର ଟଙ୍କା ମଧ୍ୟରେ ଏକ ମାସିକ ଆର୍ଥିକ ସହାୟତା ଭାବେ ଦେଖିଲେ ଏହାର ପ୍ରକଅତ ମହତ୍ୱ ଅନୁଭବ କରିହେବ ନାହିଁ। ଏହା ପଛରେ ରହିଛି ଏକ ମୌଳିକ ସ୍ୱୀକାରୋକ୍ତି - ଦାୟିତ୍ୱ ଯେତେ ବଡ, ତାହାର ଉପଯୁକ୍ତ ସ୍ୱୀକାରତି ଓ ପ୍ରୋତ୍ସାହନ ମଧ୍ୟ ସେତେ ଆବଶ୍ୟକ। ରାଜ୍ୟର ୪୮୮ ଓ ୬୬୨ ବର୍ଗର ଦେସରାକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ପ୍ରାୟ ୬୪୧ ଜଣ ଭାରପ୍ରାପ୍ତ ଅଧକ୍ଷ ଏହି ନିଷ୍ପତ୍ତି ଦ୍ୱାରା ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ପ୍ରାୟ ଛଅ କୋଟି ଟଙ୍କା ବ୍ୟୟ କରିବେ ବୋଲି ଆକଳନ କରାଯାଇଛି। ଅର୍ଥର ପରିମାଣ ତୁଳନାରେ ଏହାର ସାମାଜିକ ଓ ଶିକ୍ଷାଗତ ପ୍ରଭାବ ଅଧିକ ବ୍ୟାପକ ହୋଇପାରେ। କାରଣ, ଅନେକ ସମୟରେ ମହାବିଦ୍ୟାଳୟରେ ନିୟମିତ ଅଧକ୍ଷ ନଥିବାରୁ ଅନ୍ୟ ଜଣେ ଅଧାପକଙ୍କୁ ଅତିରିକ୍ତ ଭାବେ ଏହି ଦାୟିତ୍ୱ ତୁଲାଇବାକୁ ପଡେ। ଶ୍ରେଣୀଗୃହରେ ପାଠଦାନ, ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ସମସ୍ୟା, ପରୀକ୍ଷା ପରିଚାଳନା, ଅଧାପକ ଓ କର୍ମଚାରୀଙ୍କ ସମନ୍ୱୟ, ସରକାରୀ ନିର୍ଦ୍ଦେଶର କାର୍ଯ୍ୟକାରିତା, ଅର୍ଥନୈତିକ ହିସାବ, ଅନୁଷ୍ଠାନର ଶୃଙ୍ଖଳା ଓ ଉନ୍ନୟନମୂଳକ କାର୍ଯ୍ୟ - ଏହି ସମସ୍ତ ଦାୟିତ୍ୱ ଏକାସାଙ୍ଗରେ ତୁଲାଇବାକୁ ହୁଏ। ଅନେକ କ୍ଷେତ୍ରରେ ଏହି ଅତିରିକ୍ତ ଦାୟିତ୍ୱ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ରୋତ୍ସାହନ ନଥିବାରୁ ଯୋଗ୍ୟ ଅଧାପକମାନେ ଦାୟିତ୍ୱ ଗ୍ରହଣ କରିବାରେ ଅନାଗ୍ରହ ପ୍ରକାଶ କରିବା ସ୍ୱାଭାବିକ। ବିଶେଷକରି ନିଜ ଜିଲ୍ଲାଠାରୁ ଦୂରରେ, ଅସୁବିଧାଜନକ ଯାତାୟତ ବ୍ୟବସ୍ଥା ଥିବା ଅଂଚଳରେ ଜିମା ଭୌଗୋଳିକ ଭାବେ ଦୁର୍ଗମ ଅଂଚଳରେ ଥିବା ମହାବିଦ୍ୟାଳୟର ଅଧକ୍ଷ ଦାୟିତ୍ୱ ଗ୍ରହଣ କରିବା ଏକ ବଡ ଆହ୍ୱାନ। ଏହି ବାସ୍ତବତାକୁ ଦୃଷ୍ଟି ଦ୍ୟାନ ଓ ନିଯୁକ୍ତିର ସୂଚନା ଅନୁଯାୟୀ ପ୍ରୋତ୍ସାହନ ରାଶି ନିର୍ଦ୍ଧାରଣ କରିବା ନିଷ୍ପତ୍ତି ଏକ ଯୁକ୍ତିଯୁକ୍ତ ପଦକ୍ଷେପ। ନିଜ ଜିଲ୍ଲାରେ ଜିମା ଛନ୍ନ୍ତ ସହରାଂଚଳରେ ଅବସ୍ଥାପିତ ଭାରପ୍ରାପ୍ତ ଅଧକ୍ଷଙ୍କୁ ମାସିକ ପାଂଚ ହଜାର ଟଙ୍କା, ନିଜ ଜିଲ୍ଲା ବାହାରେ ଅବସ୍ଥାପିତ ଅଧକ୍ଷଙ୍କୁ ସାତ ହଜାର ଟଙ୍କା, ନିଜ ଜିଲ୍ଲା ଜିମା ଘରଠାରୁ ତିନିଶହ କିଲୋମିଟର ଦୂରରେ ଅବସ୍ଥାପିତ ଅଧକ୍ଷଙ୍କଠାରୁ ନଅ ହଜାର ଟଙ୍କା ଏବଂ ଭୌଗୋଳିକ ଭାବେ ଦୁର୍ଗମ ଅଂଚଳରେ ଦାୟିତ୍ୱ ତୁଲାଉଥିବା ଅଧକ୍ଷଙ୍କୁ ଦଶ ହଜାର ଟଙ୍କା ମସିକ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା ନିଷ୍ପତ୍ତି ଭାବେ ଉତ୍ସାହଜନକ। ଏହି ବ୍ୟବସ୍ଥାର ଆଉ ଏ ଢବିଦ୍ ଗୁରୁତ୍ୱ ପାଇଁ ମାନସିକ ପ୍ରସ୍ତୁତି ବଢାପାଇବ। ଯେଉଁ ଅଧାପକମାନେ ଢେବଳ ନିଜ ଅଂଚଳରେ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିଲେ, ସେମାନେ ଦୂରବର୍ତ୍ତୀ ମହାବିଦ୍ୟାଳୟର ଦାୟିତ୍ୱ ନେବାକୁ ମଧ୍ୟ ଆଗ୍ରହୀ ହୋଇପାରନ୍ତି। ଏହା ଫଳରେ ଅଧକ୍ଷ ପଦବୀ ଖାଲି ରହିବାର ସମସ୍ୟା ହ୍ରାସ ପାଇବା ସହ ଶିକ୍ଷାନୁଷ୍ଠାନର ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ ସ୍ଥିରତା ଆସିପାରିବ। ଏକ ମହାବିଦ୍ୟାଳୟରେ ନେତୃତ୍ୱର ଅଭାବ ଥିଲେ ତାହାର ପ୍ରଭାବ ଢେବଳ କାର୍ଯ୍ୟାଳୟରେ ସୀମିତ ରହେ ନାହିଁ, ଶ୍ରେଣୀଗୃହର ଶୃଙ୍ଖଳା, ଛାତ୍ରଛାତ୍ରୀଙ୍କ ଅଭିଯୋଗର ସମାଧାନ, ପରୀକ୍ଷା ଓ ଫଳ ପ୍ରକାଶନ ସଂକ୍ରାନ୍ତ ସମସ୍ୟା, ଶିକ୍ଷକଙ୍କ ଉପସ୍ଥାନ ଏବଂ ଅନୁଷ୍ଠାନର ଜନ୍ତ୍ରି ମଧ୍ୟ ପ୍ରଭାବିତ ହୁଏ। ତେଣୁ ଯେଉଁଠାରେ ନିୟମିତ ଅଧକ୍ଷ ନିଯୁକ୍ତି ସମ୍ଭବ ହୋଇନାହିଁ, ସେଠାରେ ଭାରପ୍ରାପ୍ତ ଅଧକ୍ଷଙ୍କୁ ଯଥୋଚିତ ପ୍ରୋତ୍ସାହନ ଦେବା ଏକ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ। ତେବେ ଏହି ନିଷ୍ପତ୍ତିର ସଫଳତା ଢେବଳ ଘୋଷଣାରେ ନୁହେଁ, ଏହାର ସ୍ୱଚ୍ଛ, ସରଳ ଓ ସମୟୋଚିତ କାର୍ଯ୍ୟକାରିତାରେ ନିହିତ। ଦୁର୍ଗମ ଅଂଚଳର ଫଙ୍କା ଜିଏ ନିର୍ଦ୍ଧାରଣ ଜରିବେ, ତିନିଶ୍ଚ ଜିଲୋମିଟର ଦୂରତା ଢେଉଁ ଆଧାରରେ ଗଣନା ହେବ, ନିଜ ଇଚ୍ଛା ଓ ଘରଠାରୁ ଦୂରତା ଢେଉଁଟି ପ୍ରାଧାନ୍ୟ ପାଇବ ଏବଂ ଏଭାଧକ ମାନବଶକ୍ତି ଲାଗୁ ହେଲେ ଢେଉଁ ଶ୍ରେଣୀର ପ୍ରୋତ୍ସାହନ ମିଳିବଏସବୁ ବିଷୟରେ ସ୍ପଷ୍ଟ ନିୟମାବଳୀ ଆବଶ୍ୟକ। ଏହି ନିଷ୍ପତ୍ତି ନିର୍ଦ୍ଧାରଣ ପାଇଁ ଏକ ଜମିତି ଗଠନ କରାଯିବାର ବ୍ୟବସ୍ଥା ରହିଛି। ଜମିତିର କାର୍ଯ୍ୟପ୍ରଣାଳୀ ନିରପେକ୍ଷ ଓ ନିୟମଭିତ୍ତିକ ହେବା ଦରକାର, ଯାହାଦ୍ୱାରା କୌଣସି ଅଧାପକ ଅନ୍ୟାୟର ଶିକାରେ ନହୁଅନ୍ତି। ସମାନ ପରିସ୍ଥିତିରେ ଥିବା ଅଧକ୍ଷମାନଙ୍କୁ ସମାନ ସୁବିଧା ମିଳିବା ଉଚିତ। ପ୍ରୋତ୍ସାହନ ରାଶୀ ପ୍ରଦାନରେ ଅବାଧ୍ୟକ ବିଳମ୍ବ, ଜଟି, ଜାଜପତ୍ର ଓ ଅଫିସରୁ ଅଫିସ ଦୌଡିବାର ପରିସ୍ଥିତି ସୃଷ୍ଟି ହେଏକ ଏହି ଭଲ ନିଷ୍ପତ୍ତିର ଉଦ୍ଦେଶ୍ୟ ବ୍ୟର୍ଥ ହୋଇଯିବ। ବିଜ୍ଞପ୍ତି ପ୍ରକାଶ ପରେ ଏହା ଲାଗୁ ହେବାକୁ ଥିବାରୁ ଉଚ୍ଚଶିକ୍ଷା ବିଭାଗ ଏହାର କାର୍ଯ୍ୟକାରିତା ପାଇଁ ସପ୍ଷ୍ଟ ସମୟସୀମା ଓ ସରଳ ପ୍ରକ୍ରିୟା ନିର୍ଦ୍ଧାରଣ କରିବା ଆବଶ୍ୟକ। ଏହା ସହିତ ଆଉ ଏକ ମୌଳିକ ପ୍ରଶ୍ନ ମଧ୍ୟ ଆମ ସମ୍ମୁଖରେ ରହିଛି। ଭାରପ୍ରାପ୍ତ ଅଧକ୍ଷଙ୍କୁ ପ୍ରୋତ୍ସାହନ ଢେବା ସ୍ୱାଗତଯୋଗ୍ୟ, କିନ୍ତୁ ଏହା ସ୍ଥାୟୀ ଅଧକ୍ଷ ନିଯୁକ୍ତିର ବିକଳ୍ପ ହୋଇପାରିବ ନାହିଁ। ଦୀର୍ଘ ସମୟ ଧରି ଭାରପ୍ରାପ୍ତ ବ୍ୟବସ୍ଥା ଉପରେ ମହାବିଦ୍ୟାଳୟ ଚାଲିଲେ ପ୍ରଶାସନିକ ଦାୟିତ୍ୱର ସ୍ଥାୟିତ୍ୱ ଓ ଦୀର୍ଘମିଆଦି ଯୋଜନା ପ୍ରଭାବିତ ହୋଇପାରେ। ତେଣୁ ଯୋଗ୍ୟତା, ଅଭିଜ୍ଞତା ଓ ନିୟମ ଅନୁଯାୟୀ ନିମୟିତ ଅଧକ୍ଷ ନିଯୁକ୍ତି ପ୍ରକ୍ରିୟାକୁ ମଧ୍ୟ ସରକାର ସମାନ ଗୁରୁତ୍ୱ ଦେବା ଦରକାର। ଏହା ସହିତ ମହାବିଦ୍ୟାଳୟଗୁଡିକରେ ଖାଲି ପଡିଥିବା ଅଧାପକ ଓ ଅଣଶିକ୍ଷକ ପଦବୀ ପୂରଣ, ପର୍ଯ୍ୟାପ୍ତ ଶ୍ରେଣୀଗୃହ, ପୁସ୍ତକାଗାର, ପରୀକ୍ଷାଗାର, ଛାତ୍ରାବାସ, ଶୌଚାଳୟ, ପାନୀୟଜଳ ଓ ଡିଜିଟାଲ ଶିକ୍ଷା ସୁବିଧାର ବିକାଶ ମଧ୍ୟ ଅତ୍ୟନ୍ତ ଜରୁରୀ। ମହାବିଦ୍ୟାଳୟର ମୁଖ୍ୟକୁ ପ୍ରୋତ୍ସାହନ ଢେବା ସହ ତାଙ୍କୁ ଦାୟିତ୍ୱ ତୁଲାଇବା ପାଇଁ ଆବଶ୍ୟକ ପ୍ରଶାସନିକ ସହଯୋଗ ଓ କାର୍ଯ୍ୟକ୍ଷମ ସୁବିଧା ଯୋଗାଇଦେବା ମଧ୍ୟ ସରକାରଙ୍କ ଜର୍ତବ୍ୟ।

ଜାତୀୟ କବି- ସଂଗ୍ରାମୀ ବୀର କିଶୋର

ଅକ୍ଷୟ କୁମାର ରାଉତ

ଦେଶ ପରାଧିନ, ଗୋରା ଶାସନର ଚାବୁକ ଖାଇ ମନୁଷ୍ୟ ଜଂଦୁଥାଏ। ସମାଜର ବଡପଣ୍ଡାମାନଙ୍କ ହସ୍ତରେ ଶସନର ଡୋରୀ। ଡୋରୀକୁ ଧରି ବସିଥାଆନ୍ତି ନିଷ୍ଠୁର ଅର୍ଥ ଲୋଭି ବ୍ୟକ୍ତି। ପରଧନ ଆଉ ପର ସ୍ତ୍ରୀ ଥିଲା ସେମାନଙ୍କ ଲାଗି ସୁଖର ପସରା। ଙ୍ଗରେଜମାନଙ୍କର ଅନ୍ୟାୟ ଶାସନରେ ଲୋକମାନେ ଖୁବ୍ ଅତ୍ୟାଚାରିତ। ଏହି ସମୟରେ ହରିହରପୁର (ଜଗତସିଂହପୁର) ଦେଇ ବହି ଯାଉଥାଏ ଅଳକା ନଦୀ। ନିକଟରେ ଅଳକା ଆଶ୍ରମ, ପାଖାପାଖି ଗାଁ ପୁନଇଁ। ଏହି ଗାଁର ଗୋପାଳ ଚନ୍ଦ୍ର ଓ ପଦ୍ମାବତୀଙ୍କ ଢୋଳ ମଣ୍ଡନ କରି ୧୮୯୬ ମସିହା ନଭେମ୍ବର ମାସ ୨୩ ତାରିଖ ସୋମବାର ଦିନ ଜନ୍ମ ନେଲେ ଜବି ବୀରକିଶୋର। ପିତା ମାତାଙ୍କର ସେ ଥିଲେ ପ୍ରଥମ ସନ୍ତାନ। ଗାଁ ର ନରହରି ଦାସଙ୍କ ଠାରୁ ଅକ୍ଷର ଶିକ୍ଷା ଓ ଅନ୍ୟାନ୍ୟ ପାଠ ପଢି ଥିଲେ ବୀରକିଶୋର। ପିତା ଗୋପାଳ ଚନ୍ଦ୍ର ପୁଅକୁ ବଡ ମଣିଷ କରିବା ପାଇଁ ଜତ୍ତକର ଟାଉନ୍ ଭିକ୍ଟୋରିଆ ସ୍କୁଲରେ ନାମ ଲେଖାର ଢେବଲେ। ପରବର୍ତ୍ତୀ ଜାଳରେ ସେ ସ୍କୁଲର ନାମ 'ଭକ୍ତ ମଧୁ ବିଦ୍ୟାପିଠ' ନାମରେ ନାମିତ ହେଲା। ଭକ୍ତ କବି ମଧୁସୂଦନ ରାଓ ସେ ସ୍କୁଲର ସେତ୍ରେତାରୀ ଥିଲେ। ଭକ୍ତ କବି ବୀରକିଶୋରଙ୍କ ଚାଲିଚଳନ ଦେଖି କହିଥିଲେ, ସେ ଜଣେ ବଡ କବି ହେବ। ଟାଉନ୍ ଭିକ୍ଟୋରିଆରୁ ମାଟ୍ରିକ ପାସ କରି ବୀରକିଶୋର ରେଭେନ୍ସା କଲେଜରେ ପାଠ ପଢିଲେ। ମେସ୍ରରେ କବି ନାରାୟଣ ମୋହନ ଦେ ଙ୍କ ଠାରୁ ଉତ୍ସାହ ପାଇ କବିତା ଲେଖିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଷୋଳ ବର୍ଷ ବୟସରେ ସେ ଦୁଇପାସ ଉପରେ ଜାଜର ଟୋପାସବୁ ପଢୁଥିବା ଦେଖି କବିତା ରଚନା କରିଥିଲେ। ମହାତ୍ମାଗାନ୍ଧି ଆଫ୍ରିକାରୁ ଆସି ଭାରତୀୟ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥାନ୍ତି। ଜଲଜଳରେ ପଢୁଥିବା ବୀରକିଶୋରଙ୍କ ମନ ପରାଧିନ ଭାରତ ବର୍ଷ ପାଇଁ ଛଟପଟ ହେଉଥାଏ। ଜମିଦାରୀ ହରାଇଥିବା ବାପାଙ୍କର ଇଚ୍ଛା ପୁଅ ବଡ ଜିର ଜରିବ। ପିତାଙ୍କର ଆର୍ଥିକ ଅବସ୍ଥା ଖରାପ ଦେଖି ବୀରକିଶୋର ପି.ଡବ୍ଲ୍ୟୁ.ଡି ରେ ମାସିକ ୫୫ଟଙ୍କା ବେତନରେ ଚାକିରି ଜଲେ। ତାଙ୍କର ସାନ ଭାଇ ବାନାୟର ସ୍ୱାଧିନତା ଆନ୍ଦୋଳନରେ ଯୋଗ ଦେଇ ଥାଆନ୍ତି। ସେ ସମୟ ରେ ଯେଉଁ ଛାତ୍ରମାନେ ଆନ୍ଦୋଳନରେ ମିଶୁ ଥାଆନ୍ତି, ସେମାନଙ୍କୁ 'ବାନରସେନା' କୁହାଯାଏ। ଗୋରା ସେନାପତି ଡାୟାରଙ୍କ ନିର୍ଦ୍ଦୟ ଆଚରଣ ଓ ଜାଲିଖ୍ୱାନାବାଗ ହତ୍ୟା ଜାଣ୍ଡ ବୀରକିଶୋରଙ୍କ ମନରେ ଗଭୀର ଆଘାତ ଦେଲା। ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବା ପାଇଁ ବୀରକିଶୋରଙ୍କ ଆଗ୍ରହ ତାଙ୍କୁ ଜାତୀୟ କବିତା ଲେଖିବାକୁ ବାଧ୍ୟ କରିଥିଲା। ତାଙ୍କର ଏହି କବିତା ଗୁଡିକ ଜତ୍ତକର "ମୁକୁର ପ୍ରେସ" ରେ "ମୋହନଦଂଶୀ" ନାମରେ ପ୍ରକାଶ ପାଇଲା। ବହିଟିର ଲେଖକ ଓ ପ୍ରକାଶକ ଈଶ୍ୱରୀ ବାନାୟର ଓ ମୁଦ୍ରାକର ବି.ଏସ୍.ଦାସ ବୋଲି ରହିଲା। ତିନିଅଣା ଦାମ ବହିଟି ମଧୁସୂଦନ ଦାସଙ୍କୁ ଉତ୍ସର୍ଗ କରାଗଲା। ସରକାରଙ୍କ ହୁକୁମ ଜାରି ପୂର୍ବରୁ ବହିଖଣ୍ଡ ବିକ୍ରି ହୋଇସାରିଥିଲା। ୧୯୨୨ ମସିହାରେ ବୀରକିଶୋର ଚାକିରିରୁ ଇସ୍ତଫା ଦେଇଥିଲେ। ବାନରସେନାଙ୍କ ମନବଳ ବଢାଇବା ପାଇଁ ବୀରକିଶୋର ବିଭିନ୍ନ ଗୀତ ଲେଖି ଥିଲେ। ବୀରକିଶୋରଙ୍କ ରଚିତ ଗୀତ ଗୁଡିକ ବିଭିନ୍ନ ସଭା, ସମିତିରେ ଗାୟନ କରାଗଲା ଓ ବାନର ସେନାମାନେ ତାଙ୍କ ଗୀତ ଗାଇ ଗାଁ ଗାଁ ଗସ୍ତକରିରେ ବୁଲିଲେସାଜିରେ ପିଇାଏ ବାନରସେନା ବାହାରିଲେ ଧରି ତ୍ରିରଙ୍ଗାବାନା ଖାଇଲେ ଗୋଇଠା ବେତ ପାହାର ଦେଖିଲେ ସହିଦ ଛାତି ତାହାର ଗୋରା ସରକାର ବନ୍ଧୁକ ଗୁଳି କବିତା ଶକ୍ତି ତା' ଠାରୁ ବଢି। ୧୯୩୦ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ "ଆଇନଅମାନ୍ୟ" ଆନ୍ଦୋଳନ ବା ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଗଲା। ଗାନ୍ଧିଜୀ ଦାଣ୍ଡି ଯାତ୍ରା ଜଲେ। ସତ୍ୟାଗ୍ରହୀ ମାନେ ଓଡିଶାରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ବାଠଯାତ୍ରା ନଣ୍ଡ ଜୁଡୁବୁଡୁଂକୁଡି ବାହାରିଲେ। ବୀରକିଶୋରଙ୍କ ରଚିତ 'ବରିଆ ବଣ୍ଡଲ ଜରିଯିବ କିଏ ଆସ" ଗୀତ ବୋଲି ବୋଲି ସତ୍ୟାଗ୍ରହୀ ମାନେ ଚାଲିଲେ। ସରକାରଙ୍କ ଅତ୍ୟାଚାରକୁ ଖାତିର ନକରି ସତ୍ୟାଗ୍ରହୀ ମାନେ ସମୁଦ୍ରକୁ ଲୁଣ ମରା ଜାର୍ଯ୍ୟ ଆରମ୍ଭ କରିଦେଲେ। ଏହି ସମୟରେ ବୀରକିଶୋର ଯେଉଁ ସବୁ ଗୀତ ଲେଖିଲେ, ତାହା ଏକ ବାର ପୃଷ୍ଠାର ବହିଟି 'ରଣଦୁନ୍ଦୁଭି' ନାମରେ ପ୍ରକାଶ ଜଲେ। ଛଦ୍ମନାମ ରେ ପ୍ରେସର ନାମ ରହିଲା 'ରେଙ୍ଗୁନ୍ ବିପ୍ଳବୀ ପ୍ରେସ୍' ମୁଦ୍ରକ ଜୟାମୁଙ୍ଗୀ ଓ ପ୍ରକାଶକ 'ଜାମଦେବ' ବହିଟିର ଦାମ୍ ଥିଲା ଏକ ଅଣା। ଏହି ବହିଟି ଲେଖିବା ଯୋଗୁ ବୀରକିଶୋର ରାଜଦ୍ରୋହ ଅପରାଧରେ ଜେଲଦଣ୍ଡ ଭୋଗଜଲେ। ଜଲଣ ସତ୍ୟାଗ୍ରହରେ ଅନେକ ଲୋକ ଗିରଫ୍ ହେଲେ। ଆନ୍ଦୋଳନ ବନ୍ଦିବାରେ ଲାଗିଲା। ତିନିଶ ସତ୍ୟଗ୍ରହ ଢେଉଁକେରୁଆ ସେତ୍ରେତେରୁ ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା। ଏହି ସମୟରେ ବୀରକିଶୋର 'ଉଣ ଭେରୀ' ନାମରେ ପାଂଚ ପୃଷ୍ଠାର ବହିଟିଏ ଲେଖିଲେ। ଯାହାର ଦାମ୍ ଥିଲା ମାତ୍ର ପଇସାଏ। ଗୀତ ଲେଖି ବୀରକିଶୋର ସାତବର୍ଷ ଜେଲ ବଣ୍ଡ ଭୋଗଜଲେ। ତାଙ୍କର ଘର ସତର ଥର ଖାନ୍ ତଲାସ ହୋଇଥିଲା। ଦୁଇପୁର ଜେନ୍ଦ୍ରୀୟ ଜେଲ ଭିତରେ ବୀରକିଶୋର ଥିବା ସମୟରେ ତିରଙ୍ଗା ପତାକା ଉତୋଳନ କରିବାକୁ ନେଇ ଜାଠି ମାଡରେ ପ୍ରାୟ ଅଶି ଜଣ ବନ୍ଦୀ ଓ ବୀରକିଶୋର ଆହତ ହୋଇଥିଲେ। ୧୯୪୩ ମସିହା ମାର୍ଚ୍ଚ ମାସ ଅଣତିରିଶ ତାରିଖ ଦିନ ଲକ୍ଷ୍ମଣ ନାୟକଙ୍କୁ ଦୁଇପୁର ଜେଲ ଭିତରେ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଗଲା। ଏହି ଘଟଣାରେ ବୀରକିଶୋର ଦୁଃଖରେ ଯେଉଁ ଗୀତଟିଏ ଲେଖି ବୋଲି ଦେଲେ, ତାହା ଶୁଣି ସବୁ ବନ୍ଦୀମାନେ ଭୋ ଭୋ କାନ୍ଦି ଉଠିଲେ। ସେମାନଙ୍କ ମନରେ ଆଶଙ୍କା ହେଲା ଆଉ ଜଂ'ଣ ଦେଖି ସ୍ୱାଧୀନ ହେବ ନାହିଁ। ବୀରକିଶୋର ମନର ଭାବନାକୁ ଚପାଇ ବନ୍ଦୀମାନଙ୍କ ମନରେ ନୂତନ ସାହାସ, ଆଶା ଓ ଭାବନା ସୃଷ୍ଟି କରୁଥିଲେ। ବୀରତାକୁ ଜେଲ ଭିତରେ 'ବୈଜୟନ୍ତୀ' ନାଁରେ ଗୋଟିଏ ହାତଲେଖା ପତ୍ରିକା ସଂପାଦନା କରୁଥିଲେ।ଏହି କାର୍ଯ୍ୟରେ ସାହାଯ୍ୟ କରୁଥିଲେ ଦେବିକୁଣ୍ଡ ନାଥ ମହାନ୍ତି, ବିଶ୍ୱମ୍ଭର ପରିଡା, ଜାମପ୍ରସାଦ ମହାନ୍ତି ଓ ଅନେକ ଯୁବ ବନ୍ଦୀ। ସ୍ୱାଧୀନତାର ବାର୍ତ୍ତା ପ୍ରଚାର ପାଇଁ ସେ ଜିଛିଦିନ ପ୍ରକାଶତ ପତ୍ରିକା ର ପ୍ରକାଶକ ହୋଇଥିଲେ। ଜେଲରୁ ଫେରି ବୀରକିଶୋର ଯେତେ ଗୁଡିଏ ପତ୍ର ପତ୍ରିକା ପିଲାମାନଙ୍କ ପାଇଁ ପ୍ରକାଶ କରୁଥିଲେ। ସେଥି ମଧ୍ୟରୁ 'ମୋ ଦେଶ' ପତ୍ରିକା ଥିଲା ଅନ୍ୟତମ। ବୀରବାବୁଙ୍କର ସରଜଡାର ସୁଯୋଗ ନେଇ ଯିଏ ଯାହା ଖାଉଗଲେ। ଶେଷରେ 'ମୋ ଦେଶ' ପ୍ରେସ୍ ନିଲାମ ହୋଇଗଲା। ସେ ଜୀବନର ଶେଷ ପର୍ଯ୍ୟନ୍ତ ରୁଣ ମୁକ୍ତ ହୋଇ ପାରିନଥିଲେ। ପାଠ୍ୟ ପୁସ୍ତକରେ ଯେତେବେଳେ ଜାତୀୟ ଜରଣ ବରାଗଲା ବୀରକିଶୋର ସେ କମିତିର ସଂପାଦକ ଥିଲେ। ତାଙ୍କ ଜବ୍ୟମରେ ମୋ ଛବି ବହି ଓ ନୂଆ ଛବି ବହି ପ୍ରକାଶ ପାଇଥିଲା। ୧୯୪୬ ମସିହାରେ ଜତକ ଜିଲ୍ଲା ବୋର୍ଡରୁ ସଭ୍ୟ ଭାବରେ ସେ ଜଗତ୍‌ସିଂହପୁରରୁ ନିର୍ବାଚିତ ହୋଇଥିଲେ। ପରେ ସେ ଜତକ ଜିଲ୍ଲା ଲୋକାଲ ବୋର୍ଡର ଭାଇସ୍ ଚେୟାର ମ୍ୟାନ ଓ ଚେୟାରମ୍ୟାନ ହୋଇଥିଲେ। ଦୀରବାବୁ ଜଂଗ୍ରେସ ଦଳର ପ୍ରାର୍ଥୀ ଭାବେ ଉପ-ନିର୍ବାଚନରେ ଜଗତ୍‌ସିଂହପୁର ଆସନରୁ ନିର୍ବାଚିତ ହୋଇ, ୧୯୫୯ ମସିହା ଫେବ୍ରୁଆରୀ ମାସ ୨୫ ତାରିଖରେ ବିଧାନ ସଭାର ସଭ୍ୟ ଭାବରେ ଶପଥ ଗ୍ରହଣ କରିଥିଲେ। ଜାତୀୟ କବି ବୀରକିଶୋର ସ୍ୱାଧୀନ ଭାରତ ବିଷୟରେ ଅନେକ ସ୍ୱପ୍ନ ଦେଖିଥିଲେ। ତାଙ୍କର ସ୍ୱପ୍ନ ସ୍ୱପ୍ନରେ ରହିଗଲା। ଆଧୁନିକ ବାଦ୍ଦୋମାନଙ୍କୁ ଦେଖି ସେ ଲେଖିଥିଲେ- " ବାଦୁ ନ ଚିହ୍ନି ଛତା ଯୋଡାଗୁ ସାଧୁ ନ ଚିହ୍ନି ଗୋଲି ଚିତାରୁ ନେତା ନ ଚିହ୍ନି ଖାଲି ଜଥାବୁ ଥରେ ବୁଲି ଆସ ଜଲିଜଡାବୁ" ମହାନ୍ ଜାତିୟ କବି ବିରୋଜିଶୋର ଯାହା ପାଇଛନ୍ତି, ଅନ୍ୟକୁ ଦାନ କରିଦେଇଛନ୍ତି। ଆର୍ଥିକ ଦୁଃସ୍ଥିତି ରେ ପଡି ସେ କେବେ ବାହା ପାଖରେ ହାତ ପତେଇ ନାହାଁନ୍ତି। ସେ ଦେଶର ସେବା ଓ ମାନବ ସେବାକୁ ମାଧବ ସେବା ବୋଲି ବିଶ୍ୱାସ ରଖି ଜାର୍ଯ୍ୟ କରି ଯାଇଛନ୍ତି। ୧୯୭୩ ମସିହା ଅଗ୍ରେଲ ମାସ ୨୮ ତାରିଖ ରେ ସେ ଏହି ପ୍ରକାଶମାନ୍ୟ ବିଦାୟ ନେଇ ଅମର ଧାମକୁ । ଆଜି ଲୋକଙ୍କ ମନ ହୃଦୟରେ ସେ ପ୍ରତିଧ୍ୱନିତ ହେଉଛନ୍ତି ଓ ହେଉଥିବେ।

ସୌନ୍ଦର୍ଯ୍ୟ ଯେବେ ଯନ୍ତ୍ରଣା ଦିଏ

ସଂଗୀତା ରଥ

ସତର ବର୍ଷୀୟା ରୀୟା ବାର୍ଦ୍ଦ ସମୟ ଧରି ଦର୍ପଣ ସାମନାରେ ଠିଆହୋଇ ତା'ର ମୁଖର ପ୍ରତିବିମ୍ବକୁ ଦେଖୁଛି। ଢେତେବେଳେ ଡାହାଣ ତ ପୁଣି ଢେତେବେଳେ ବାମ ପଟରୁ ସେ ନିଜ





ସୁପହ-୧୦୦ ଓରିଏଣ୍ଟେସନ୍ କ୍ୟାମ୍ପ ଏବଂ 'ଉଡାନ୍ – ମିଟ୍ ୟୋର୍ ଡ୍ରିମ୍' କ୍ୟାରିୟର ମାର୍ଗଦର୍ଶନ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଦୃଢ଼ ଆତ୍ମବିଶ୍ୱାସ, ନିଷ୍ଠା, ଶୃଙ୍ଖଳା ଓ ନିରନ୍ତର ପରିଶ୍ରମ ଦ୍ୱାରା ନିଜ ଲକ୍ଷ୍ୟ ହାସଲ କରିପରିବା : ଜିଲ୍ଲାପାଳ

ନବରଙ୍ଗପୁର,୨୬/୧୧(ନି/ପ୍ର): ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଉତ୍କର୍ଷତା ବୃଦ୍ଧି, ଉଚ୍ଚ ଶିକ୍ଷା ଓ ଭବିଷ୍ୟତ ବୃତ୍ତିଗତ ଲକ୍ଷ୍ୟ ନିର୍ଦ୍ଧାରଣରେ ସଠିକ୍ ମାର୍ଗଦର୍ଶନ ପ୍ରଦାନ ଉଦ୍ଦେଶ୍ୟରେ ଆଜି ନବରଙ୍ଗପୁରସ୍ଥିତ ପିଏମ୍-ଶ୍ରୀ ଆରସିଡି ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ତାରିଖିନିଆ ସୁପର୍-୧୦୦ ଓରିଏଣ୍ଟେସନ୍‌ କ୍ୟାମ୍ପର ପ୍ରଥମ ପର୍ଯ୍ୟାୟ ଉଦ୍‌ଘାଟିତ ହୋଇଛି । ଏହି ଅବସରରେ ଜିଲ୍ଲାପ୍ରଶାସନ ବ୍ୟାରିୟର ମାର୍ଗଦର୍ଶନ ପଦକ୍ଷେପ 'ଉଡାନ୍ – ମିଟ୍ ୟୋର୍ ଡ୍ରିମ୍' (ନିଜ ସ୍ୱପ୍ନକୁ ଭେଟ) ଏବଂ ଏହାର ପ୍ରତୀକ ଚିହ୍ନ ମଧ୍ୟ ଉନ୍ମୋଚିତ ହୋଇଛି । ଆଗାମୀ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ଓ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପାର୍ଥ ଜଗଦୀଶ କାଞ୍ଚପ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ନିଜ ଅନୁଭୂତି ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଉଭୟେ ନିଜର ପ୍ରସ୍ତୁତି ଓ ସଫଳତାର ଯାତ୍ରା ସମ୍ପର୍କରେ ଅଭିଜ୍ଞତା ବାଣ୍ଟିବା ସହ ଛାତ୍ରଛାତ୍ରୀମାନଙ୍କୁ ଦୃଢ଼ ଆତ୍ମବିଶ୍ୱାସ, ନିଷ୍ଠା, ଶୃଙ୍ଖଳା ଓ ନିରନ୍ତର ପରିଶ୍ରମ ଦ୍ୱାରା ନିଜ ଲକ୍ଷ୍ୟ ହାସଲ କରିବାକୁ ପ୍ରେରଣା ଦେଇଥିଲେ । ଉମରଜୋଟ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଡା. ଆୟୁଷୀ ମଣ୍ଡଳ ନିଟ ପରୀକ୍ଷାରେ ସଫଳତା ଓ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ନିଜର ଅନୁଭୂତି ତାଙ୍କି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ସୁପର-୧୦୦ ଓରିଏଣ୍ଟେସନ୍ କ୍ୟାମ୍ପ ଅଧୀନରେ ଚୟନ ପରୀକ୍ଷା ମାଧ୍ୟମରେ ମନୋନୀତ ୪୦ ଜଣ ଛାତ୍ରଛାତ୍ରୀଙ୍କୁ ଆଗାମୀ ମାଟ୍ରିକ୍ ପରୀକ୍ଷା ପାଇଁ ସ୍ୱତନ୍ତ୍ର ଶୈକ୍ଷିକ ପ୍ରସ୍ତୁତି, ଅଭ୍ୟାସ ଓ ନିୟମିତ ମାର୍ଗଦର୍ଶନ ପ୍ରଦାନ କରାଯିବ । ଜିଲ୍ଲାର ଶୈକ୍ଷିକ ଫଳାଫଳରେ ଉନ୍ନତି ଆଣିବା ସହ ଛାତ୍ରଛାତ୍ରୀମାନେ ମାଟ୍ରିକ୍ ପରୀକ୍ଷାରେ ସର୍ବୋତ୍ତ 'ଏ-୧' ଗ୍ରେଡ୍ ହାସଲ କରିବା ଲକ୍ଷ୍ୟରେ ନିଷ୍ଠା, ଏକାଗ୍ରତା ଓ ଶୃଙ୍ଖଳିତ ଅଧ୍ୟୟନ ଜାରି ରଖିବାକୁ ଜିଲ୍ଲାପାଳ ଉତ୍ସାହିତ କରିଥିଲେ । ଏଥିସହ ଏକ ଲକ୍ଷ ପ୍ରଶ୍ନ ସମ୍ବଳିତ ପ୍ରଶ୍ନବ୍ୟାଙ୍କର ସଦୁପଯୋଗ ଏବଂ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତିଗତ ଭାବେ ମାର୍ଗଦର୍ଶନ ପ୍ରଦାନ ମାଧ୍ୟମରେ ସେମାନଙ୍କ ଶିକ୍ଷାଗତ ଦକ୍ଷତାରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । 'ଉଡାନ୍ – ମିଟ୍ ୟୋର୍ ଡ୍ରିମ୍' କାର୍ଯ୍ୟକ୍ରମ ଜିଲ୍ଲା ସାଧନ ଜର୍ମୀମାନେ ଉପସ୍ଥିତ ଥିଲେ । ଆରମ୍ଭରେ ଅତିଥିମାନଙ୍କୁ ସ୍ୱାଗତ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ ପରେ ସମୂହ 'ବନ୍ଦେ ମାତରମ୍' ଗାନ କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଛତ୍ରପତି ସାହୁ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିବାବେଳେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଶ୍ରୀକାନ୍ତ ଜାନୀ ପବକ୍ଷେପର କାର୍ଯ୍ୟପରିକଳ୍ପନା ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ଶେଷରେ ଟେଟୁଳିଝୁଟି ବ୍ଲକ୍ ଶିକ୍ଷା ଅଧିକାରୀ ତଥା ପିଏମ୍-ଶ୍ରୀ ଆରସିଡି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ସୁଦୀପ୍ତ କୁମାର ବାଣ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପବକ୍ଷେପ ଶୈକ୍ଷିକ ଫଳାଫଳରେ ଉନ୍ନତି, ଛାତ୍ରଛାତ୍ରୀଙ୍କ ଆକାଂକ୍ଷାକୁ ପ୍ରୋତ୍ସାହନ, ସଠିକ୍ କ୍ୟାରିୟର ଚୟନ ଓ ନିରନ୍ତର ମାର୍ଗଦର୍ଶନ ମାଧ୍ୟମରେ ନବରଙ୍ଗପୁର ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ନିଜ ସ୍ୱପ୍ନ ସାକାର କରିବା ଦିଗରେ ସଶକ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନର ଏକ ଦୃଢ଼ ଓ ନିରନ୍ତର ପ୍ରୟାସ।

ରାଜବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀଙ୍କ ଜୟନ୍ତୀ ପାଳିତ



ସମ୍ବଲପୁର,୨୬/୧୧(ନି/ପ୍ର): ଆୟୁର୍ବେଦ ଚିକିତ୍ସା କ୍ଷେତ୍ରରେ 'ଚିକିତ୍ସା ମଞ୍ଜରୀ' ଏକ ଅମୂଲ୍ୟ ଗ୍ରନ୍ଥ । ଏହାର ଉପଯୋଗିତା ଓ ପ୍ରାସଙ୍ଗିକତା ଆଜି ମଧ୍ୟ ବଢ଼ିବାରେ ଲାଗିଛି । ସ୍ଥାନୀୟ ପଦ୍ମିନୀ ଲାଇବ୍ରେରୀରେ ରାଜବୈଦ୍ୟ ସ୍ୱର୍ଗତ ଗୋପୀନାଥ ଷଡ଼ଙ୍ଗୀଙ୍କ ଜୟନ୍ତୀ ଉତ୍ସବରେ ଅତିଥିମାନେ ଏହି ମତ ପ୍ରକାଶ କରିଥିଲେ । ଅନୁପମା ବିଶ୍ୱାଳଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରଘୁନାଥ ମିଶ୍ର, ମୁଖ୍ୟବକ୍ତା ଦୀପକ କୁମାର ପଣ୍ଡା, ସମ୍ମାନିତ ଅତିଥି ଡା. ସୁଶାନ୍ତ କୁମାର ବେହେରା, ଭବାନୀଶଙ୍କର ଭୋଲ ଓ ଲକ୍ଷ୍ମୀନାରାୟଣ ପଣ୍ଡା ପ୍ରମୁଖ ରାଜବୈଦ୍ୟଙ୍କ ସାହିତ୍ୟିକ ଓ ଚିକିତ୍ସା ଅବଦାନ ଉପରେ ଆଲୋକପାତ କରିଥିଲେ । ବକ୍ତାମାନେ କହିଥିଲେ, ସମ୍ବଲପୁର ରାଜ୍ୟର ଗୌରବମୟ ଅତୀତରେ ରଚିତ ବିଭିନ୍ନ ଗ୍ରନ୍ଥ ଆଜି ମଧ୍ୟ ଅମୂଲ୍ୟ ସମ୍ପଦ । 'ଚିକିତ୍ସା ମଞ୍ଜରୀ' ବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ବହୁଳ ଜନାଦୃତ ଗ୍ରନ୍ଥ ଭାବେ ପରିଚିତ ଥିଲା । ଆୟୁର୍ବେଦ ପ୍ରତି ଲୋକଙ୍କ ଆଗ୍ରହ ହ୍ରାସ ପାଇବା ପରେ ଏହି ଗ୍ରନ୍ଥ ଦୃଷ୍ଟାପ୍ୟ ହୋଇପଡ଼ିଥିଲା । ତେବେ ଏବେ ଆୟୁର୍ବେଦ ପ୍ରତି ପୁନର୍ବାର ଆଗ୍ରହ ବଢୁଥିବାରୁ 'ଚିକିତ୍ସା ମଞ୍ଜରୀ'ର ପୁନଃପ୍ରଚାର ଓ ପ୍ରସାର ଆବଶ୍ୟକ । ଏହି ଗ୍ରନ୍ଥକୁ ଆୟୁର୍ବେଦ ମହାବିଦ୍ୟାଳୟର ପାଠ୍ୟକ୍ରମରେ ସାମିଲ କରିବା, ରାଜବୈଦ୍ୟଙ୍କ ନାମରେ ଶିକ୍ଷାନୁଷ୍ଠାନ ନାମକରଣ କରିବା ଏବଂ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ମତ ପ୍ରକାଶ ପାଇଥିଲା । ଏଥିସହ ରାଜବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀ ସ୍ମାରକୀ ବୈଦ୍ୟ ସଞ୍ଜିବନୀ ଆୟୋଜନ ପାଇଁ ସଭାରେ ପ୍ରସ୍ତାବ ଗୃହୀତ ହୋଇଥିଲା । ରାଜବୈଦ୍ୟଙ୍କ ବଂଶର ବାୟବଗୋପୀନାଥ ଷଡ଼ଙ୍ଗୀ ମଧ୍ୟ ନିଜର ବକ୍ତବ୍ୟ ରଖିଥିଲେ । ସୁଶାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିବା ବେଳେ ଜିତେନ୍ଦ୍ର ମହାଣା ଧନ୍ୟବାଦ ଅର୍ପଣ କରିଥିଲେ ।

ଚାଷୀ ଓ ମହିଳାଙ୍କ ସ୍ୱାର୍ଥ ପାଇଁ ରେଙ୍ଗାଲି ବିଧାୟକ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ଆଭିମୁଖ୍ୟକୁ ରୋହିତ ପୂଜାରୀଙ୍କ ସମର୍ଥନ



ସମ୍ବଲପୁର,୨୬/୧୧(ନି/ପ୍ର): ସମ୍ବଲପୁରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ଜମିତ ବୈଠକରେ ଚାଷୀଙ୍କ ସ୍ୱାର୍ଥ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଅଧିକାର ପ୍ରସଙ୍ଗରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକଙ୍କ ଦୃଢ଼ ଆଭିମୁଖ୍ୟକୁ ରୋହିତ ପୂଜାରୀ ସମର୍ଥନ ଜଣାଇଛନ୍ତି । ଧାନ ସଂଗ୍ରହ ଜଇି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାରେ ଚାଷୀ ସଂଗଠନର ପ୍ରତିନିଧିଙ୍କୁ ସାମିଲ କରିବା ଏବଂ ମହିଳା ଗୋଷ୍ଠୀଗୁଡ଼ିକୁ ଚାଦ୍ ଦେବା ଉଚିତ ବୋଲି ସେ ମତ ପ୍ରକାଶ କରିଛନ୍ତି । ଏହି ପ୍ରସଙ୍ଗ ଉଠାର ବିଧାୟକ ସୁଦର୍ଶନ ହରିପାଲ ବୈଠକରୁ ଉଠି ଆସିବା ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ବୈଠକ ବର୍ଜନ କରିବା ସେମାନଙ୍କ ଚାଷୀ ଓ ମହିଳାଙ୍କ ସ୍ୱାର୍ଥ ପ୍ରତି ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ସେ କହିଛନ୍ତି । ଧାନ ସଂଗ୍ରହ ଚାଷୀଙ୍କ ବର୍ଷତର ପରିଶ୍ରମ, ଜୀବିକା ଓ ଆର୍ଥିକ ସୁରକ୍ଷା ସହ ଜଡ଼ିତ । ତେଣୁ ଚାଷୀଙ୍କ ମତାମତ ଓ ପ୍ରତିନିଧିତ୍ୱକୁ ଅଣଦେଖା କରି ନିଷ୍ପତ୍ତି ନେବା ଅନୁଚିତ ବୋଲି ରୋହିତ ପୂଜାରୀ ମତ ଦେଇଛନ୍ତି । ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଉପସ୍ଥିତିରେ ନଭେମ୍ବର ୩୦ରୁ ଧାନ ସଂଗ୍ରହ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିବାବେଳେ, ଟୋକନ୍, ମଣ୍ଡି ପରିବାହନ, ବଟମା-ଛଟନା ଓ ଅର୍ଥ ପ୍ରଦାନ ଭଳି ସମସ୍ୟାରୁ ଚାଷୀଙ୍କୁ ମୁକ୍ତ ରଖିବା ପାଇଁ ପ୍ରଶାସନ ପବକ୍ଷେପ ନେବା ଆବଶ୍ୟକ ବୋଲି ସେ ଅନୁରୋଧ କରିଛନ୍ତି ।ବୈଠକରେ ଚାଷୀ ସଂଗଠନଗୁଡ଼ିକୁ ଉପଯୁକ୍ତ ପ୍ରତିନିଧିତ୍ୱ ଦେବା ସହ ମହିଳା ଗୋଷ୍ଠୀଗୁଡ଼ିକୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରିବାକୁ ଜିଲ୍ଲା ପ୍ରଶାସନକୁ ସେ ଆହ୍ୱାନ ଜଣାଇଛନ୍ତି । ଚାଷୀଙ୍କ ସ୍ୱାର୍ଥ ଓ ମହିଳାଙ୍କ ଅଧିକାର ରାଜନୈତିକ ବିବାଦ ଉର୍ଦ୍ଧେ, ବରଂ ଜନସ୍ୱାର୍ଥର ପ୍ରସଙ୍ଗ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ରଉଣ୍ଡୀ ଲାଠ ବାଲନିକେତନରେ ସ୍ୱଚ୍ଛତା ଓ ସୁସ୍ଥ ଜୀବନଶୈଳୀ ଉପରେ ପ୍ରଶିକ୍ଷଣ

ସମ୍ବଲପୁର,୨୬/୧୧(ନି/ପ୍ର): ଶିଶୁଙ୍କ ସୁସ୍ଥ ଜୀବନ ପାଇଁ ସ୍ୱଚ୍ଛତା ସେତିକି ଜରୁରୀ, ସୁନ୍ଦର ଓ ସୁରକ୍ଷିତ ପରିବେଶ ଗଠନ ପାଇଁ ସଚେତନତା ମଧ୍ୟ ସେତିକି ଆବଶ୍ୟକ । ସ୍ୱଚ୍ଛତା କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଜୀବନର ଏକ ନିୟମିତ ଅଭ୍ୟାସ ହେବା ଉଚିତ ବୋଲି ବାର୍ତ୍ତା ଦେଇ ଜାର୍ଜିଂ ପୂର୍ଣ୍ଣିମା ଅବସରରେ ଛତାନପାଲିସ୍ଥିତ ରଉଣ୍ଡୀ ଲାଠ ବାଲନିକେତନଠାରେ ଶିଶୁ ସ୍ୱଚ୍ଛତା ଓ ପରିବେଶ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରଶିକ୍ଷଣରେ ସମ୍ବଲପୁର ଶିଶୁ ମଙ୍ଗଳ ସମିତିର ସଦସ୍ୟ ଡାକ୍ତର ରାଜାରାମ ଷଡ଼ଙ୍ଗୀ ଚାଲିମ ପ୍ରଦାନ କରି ଶିଶୁମାନଙ୍କୁ ବ୍ୟକ୍ତିଗତ ସ୍ୱଚ୍ଛତା, ସୁସ୍ଥ ଜୀବନଶୈଳୀ ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ । ନିୟମିତ ହାତ ଧୋଇବା, ଖାଦ୍ୟ ଗ୍ରହଣ ପୂର୍ବରୁ ଓ ଶୌଚାଳୟ ବ୍ୟବହାର ପରେ ସାବୁନରେ ହାତ ସଫା କରିବା, ଶରୀର ଓ ପୋଷାକ ପରିଷ୍କାର ରଖିବା ଆଦି ଦୈନନ୍ଦିନ ଅଭ୍ୟାସର ଗୁରୁତ୍ୱ ସେ ବୁଝାଇଥିଲେ । ଏଥିସହ ଓଡ଼ା ଓ ଶୁଖିଲା ଆବର୍ଜନା ପୃଥକୀକରଣ, ପ୍ଲାଷ୍ଟିକ୍ ?ମୁକ୍ତ ପରିବେଶ, ଜଳର ସଦୁପଯୋଗ, ଶୌଚାଳୟର ସ୍ୱଚ୍ଛତା ଏବଂ ଜଳ, ପରିମଳ ଓ ସ୍ୱଚ୍ଛତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ମଣ୍ଡା ଓ ଅନ୍ୟାନ୍ୟ ରୋଗବାହକ ଜୀବଙ୍କ ଦ୍ୱାରା ହେଉଥିବା ରୋଗ ସମ୍ପର୍କରେ ମଧ୍ୟ ସେ ଆଲୋକପାତ କରିଥିଲେ । ଏହି ପ୍ରସଙ୍ଗରେ ମ୍ୟାଲେରିଆ ଓ ଚିକୁନଗୁନିଆ ଭଳି ରୋଗର ପ୍ରତିରୋଧ ପାଇଁ ପରିସରରେ ପାଣି ଜମିବାକୁ ନଦେବା, ଜଳପାତ୍ର ଘୋଡ଼ାଇ ରଖିବା ଓ ମଣ୍ଡାରି ବ୍ୟବହାର କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଶିଶୁମାନେ ନିଜେ ସଚେତନ ହେବା ସହ ପରିବାର, ସାଙ୍ଗସାଥୀ ଓ ସମାଜରେ ସ୍ୱଚ୍ଛତାର ବାର୍ତ୍ତା ପହଞ୍ଚାଇବାକୁ ଡାକ୍ତର ଷଡ଼ଙ୍ଗୀ ଆହ୍ୱାନ ଦେଇଥିଲେ । ସ୍ୱଚ୍ଛତାକୁ ଶିଶୁମାନଙ୍କ ଜୀବନର ଏକ ସ୍ଥାୟୀ ଅଭ୍ୟାସରେ ପରିଣତ କରିବାକୁ ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମକୁ ରଉଣ୍ଡୀ ଲାଠ ବାଲନିକେତନର ସୁପରିଟେଣ୍ଡେଣ୍ଟ ଜୁହନ ରାଉତ ଙ୍କଚାଳନ କରିଥିବା ବେଳେ ସାମାଜିକ କର୍ମୀ ଶ୍ରୀକାନ୍ତ ମହାନ୍ତି ଓ ହାଉସ୍ ମଦର ଅଞ୍ଜୁ ସାହୁ ସହଯୋଗ କରିଥିଲେ ।

ବୁର୍ତ୍ତା ବୈନାଲ ଉପରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ ବିଳମ୍ବକୁ ନେଇ ପ୍ରତିବାଦ

ଶୀଘ୍ର କାମ ଆରମ୍ଭ ଦାବି



ସମ୍ବଲପୁର,୨୬/୧୧(ନି/ପ୍ର): ବୁର୍ତ୍ତାବାସୀଙ୍କ ଭାବାବେଗ ସହ ଜଡ଼ିତ ବୈନାଲ ଉପରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ କାର୍ଯ୍ୟରେ ବିଳମ୍ବକୁ ନେଇ ପ୍ରତିବାଦ ଆରମ୍ଭ ହୋଇଛି । ବୁର୍ତ୍ତାର ନାଗରିକମାନେ ବୈନାଲ ବ୍ରିଜ୍ ଉପରେ ବ୍ୟାନର ଧରି ପ୍ରଶାସନ ପ୍ରତି ନିଜର କ୍ଷୋଭ ପ୍ରକାଶ କରିଥିଲେ । ବ୍ରିଜ୍ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଦାବି କରିବା ସହ ଏଥିରେ ଆଉ ବିଳମ୍ବ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ପ୍ରଶାସନକୁ ଚେତାବନୀ ଦେଇଥିଲେ । ଏହି ପ୍ରତିବାଦରେ ବିଶାଖୁ ଜଲେଇ, ତ୍ରାହିଜର ଢୁଙ୍ଗରି, ପ୍ରଦୀପ ମିଶ୍ର, ସଞ୍ଜୟ ଗୌଡ଼, ବିଭୀଷଣ ଭିସାର, ହେମନ୍ତ ସୁନା, ଶିବ ବଳେଇ, ମନରଞ୍ଜନ ପଟନାୟିକ, ଗବୁରି ରାଉତ, ସନ୍ତୋଷ ରାଉତ, ଆଶିଷ ପାତଂବିହାର, ସୁଧୀର ବାରିକ, ପପୁ ସ୍ୱାଇଁ, ସୃଷ୍ଟି ଙ୍କୋର, ଜୟନ୍ତ ଙ୍କୋର, ବାପି ପଣ୍ଡା, ମନ ଜାଣ୍ଡ, ରାଜୁ ଭଗତ, ପରମା ସୁନା, ରେଶବ ପଂବିହାର, ବୁଲୁ ପାଣିଗ୍ରାହୀ, ଅନିଲ ସୁନା, ନବୀନ, ଲଭଲି ନାଗ, ଜୋତିବିରଣ ସୁନା, ଅଶୋକ ଜଲେଇ, ଶେଷଦେବ ଜଲେଇ, ଜଲା ନାଗ, ସୁରେଶ ବାଣ, ଜଗନ୍ନାଥ ରାଓ, ଗଣେଶ ରାଓ, ଅଜିତ ମହାନ୍ତ ଓ ବାବଲ ସୁନାଙ୍କ ସମେତ ଅନେକ ନାଗରିକ ସାମିଲ ହୋଇଥିଲେ ।

ସମ୍ବଲପୁର ମହାରାଣୀ' ଓ 'କପଟ ଫାଶ' ପୁସ୍ତକ ଉନ୍ମୋଚିତ



ସମ୍ବଲପୁର,୨୬/୧୧(ନି/ପ୍ର): ଆନ୍ତର୍ଜାତିକ ଐତିହ୍ୟ ସପ୍ତାହ ପାଳନ ଅବସରରେ ଲେଖକ ଦୀପକ କୁମାର ପଣ୍ଡାଙ୍କ ରଚିତ ଦୁଇଟି ପୁସ୍ତକ 'ସମ୍ବଲପୁର ମହାରାଣୀ' ଓ 'କପଟ ଫାଶ' ଉନ୍ମୋଚିତ ହୋଇଛି । ଇନଟାକ୍ ସମ୍ବଲପୁର ଚାପ୍ଟର ପକ୍ଷରୁ ବୀର ସୁରେନ୍ଦ୍ର ସାଏ ଙ୍କ ସଂଗ୍ରହାଳୟରେ ଆୟୋଜିତ ଉତ୍ସବରେ ଏହି ପୁସ୍ତକ ଦୁଇଟିର ଶୁଭ ଉନ୍ମୋଚନ କରାଯାଇଥିଲା । 'ସମ୍ବଲପୁର ମହାରାଣୀ' ପୁସ୍ତକରେ ସମ୍ବଲପୁରର ପ୍ରଥମ ମହିଳା ଶାସିକା ରାଣୀ ରତ୍ନ କୁମାରୀଙ୍କ ଜୀବନ, ସଂଘର୍ଷ ଓ ସେ ସମୟର ଖାନ ହୋଇଥିବା ବିଭିନ୍ନ ଆହ୍ୱାନ ସମ୍ପର୍କରେ ଉଲ୍ଲେଖ ରହିଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ତଥା ଇନଟାକ୍ ସଦସ୍ୟ ଡଃ ଅତୁଲ କୁମାର ପ୍ରଧାନ ଯୋଗଦେଇ ଐତିହ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଐତିହ୍ୟ ଆମ ସଂସ୍କୃତି ଓ ସଭ୍ୟତାର ଆଧାର ହୋଇଥିବାରୁ ଏହା ପ୍ରତି ଆଗ୍ରହ, ସଚେତନତା ଓ ସଂରକ୍ଷଣ ମନୋଭାବ ରହିବା ଆବଶ୍ୟକ ବୋଲି ସେ କହିଥିଲେ । ସ୍ଥାନୀୟ ଐତିହ୍ୟ ସହ ଯୋଡ଼ି ହୋଇ ରହିଲେ ଦାୟିତ୍ୱବୋଧ ଓ ଗୌରବବୋଧର ବିକାଶ ହୋଇଥାଏ ବୋଲି ସେ ମତ ପ୍ରକାଶ କରିଥିଲେ । ଇନଟାକ୍ ସଦସ୍ୟ ଡଃ ଗୁଣସାଗର ବାଣ ପଣ୍ଡିମ ଓଡ଼ିଶାର ଐତିହ୍ୟ ସମ୍ପର୍କର ସଂରକ୍ଷଣ ପାଇଁ ବିଭିନ୍ନ ଠୋସ୍ ପ୍ରସ୍ତାବ ରଖିଥିଲେ । ଏହି ଅବସରରେ ଅଧ୍ୟାପକ ଅଖିଳ ବିଶ୍ୱାଳ, ଅଧ୍ୟାପକ ପ୍ରବୀପ କୁମାର ପଣ୍ଡା, କବି ସୌଭାଗ୍ୟବନ୍ତ ମହାରଣା, ଚିତ୍ରକର ତଥା ସାହିତ୍ୟିକ ପ୍ରଶାନ୍ତ ମାଝୀ, କବି ଲକ୍ଷ୍ମୀନାରାୟଣ ପଣ୍ଡା ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟକୁ ପାରମ୍ପରିକ ଦ୍ରୀଡ଼ା ଉପକରଣ 'ସାତ ଗାଡି' ପ୍ରଦାନ କରିଥିବାରୁ ସୁଧୀର କୁମାର ଝାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା । ଇନଟାକ୍ ସମ୍ବଲପୁର ଚାପ୍ଟରର ଜନଜେନର ଦୀପକ କୁମାର ପଣ୍ଡା ଜାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ଜୋ-ଜନଜେନର ଡଃ ବିଭୂତନ ପ୍ରମୋଦ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

ତଳାବିରା ଏନଏଲସି ପ୍ରକଳ୍ପ ପରିବହନ ବନ୍ଦ ଘଟଣା :

ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି

ଝାରସୁଗୁଡ଼ା,୨୬/୧୧(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାର ତଳାବିରା ସ୍ଥିତ ଏନଏଲସି ଢୋଲଲା ଖଣି ପ୍ରକଳ୍ପ ଗତ ୧୦ ଦିନ ଧରି ବନ୍ଦ ରହିଛି । ଏହି ପ୍ରସଙ୍ଗରେ ମଙ୍ଗଳବାର ଝାରସୁଗୁଡ଼ା ର ଏକ ଘରୋଇ ହୋଟେଲ ରେ ସାମ୍ବାଦିକ ସଚ୍ଚିକଳନା ଅନୁଷ୍ଠିତ ହୋଇଯାଇଛି ।ଏହି ସାମ୍ବାଦିକ ସଚ୍ଚିକଳନାରେ ମଲବା ଫଂଚାୟତ, ପଡ଼ାପାଲି ଫଂଚାୟତ ଏବଂ ଆରପିଡିଏସି ର ସଦସ୍ୟ ତଥ



୫.୩ୀ ମିଲିୟନ ଟନ୍ ଇସ୍ପାତ କାରଖାନା ପାଇଁ ଆବଶ୍ୟକ ଜମିକୁ ଛାଡି ଆରଏସପି ବଳକା ଜମି ଫେରାଇବା ଏଚ୍ଏମ୍ଏସର ଦାବି



ରାଉରକେଲା,୨୬/୧୧(ନି/ପ୍ର): ୩୦,୦୦୦ କୋଟି ଟଙ୍କା ବ୍ୟୟରେ ରାଉରକେଲା ଇସ୍ପାତ କାରଖାନାର ୫.୩ୀ ମିଲିୟନ ଟନ୍ ଇସ୍ପାତ କାରଖାନା ପାଇଁ ଆବଶ୍ୟକ ହେଉଥିବା ଜମିକୁ ଛାଡି ବଳକା ଜମିକୁ ଫେରାଇବା ପାଇଁ ହିନ୍ଦ ମଜଦୁର ସଭା ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରାଯାଇଛି। ହିନ୍ଦ ମଜଦୁର ସଭାର ସାଧାରଣ ସମ୍ପାଦକ ବିସୟର ମହାନ୍ତି ସୂଚନା ଦେଇଥିଲେ ଯେ ରାଉରକେଲା ଇସ୍ପାତ କାରଖାନାର ୫.୩ୀ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ସମ୍ପ୍ରସାରଣ ପାଇଁ ୩୦,୦୦୦ କୋଟି ଖର୍ଚ୍ଚ ହେଉଥିବା ବେଳେ, ଏଥି ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ପରେ, ବଳକା ଜମିକୁ ସ୍ଥାନୀୟ ଆଦିବାସୀ ତଥା ଅଧିବାସୀଙ୍କୁ ନ ଫେରାଇ ଠିକିଛି ବୋଲି ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। କାରଣ ବର୍ତ୍ତମାନ ୩.୧ ମିଲିୟନ ଟନ୍ ସମ୍ପ୍ରସାରଣ ପାଇଁ ମେଜନର ପ୍ଲାନ୍ଟି ଓ ଆପ୍ରୁଭଡ୍ ଡ୍ରଙ୍ଗ ରାଉରକେଲା ଇସ୍ପାତ କାରଖାନାକୁ ପ୍ରଦାନ କରାଯାଇସାରିଛି। ଏଣୁ ୩.୧ ମିଲିୟନ ଟନ୍ ପାଇଁ ଆବଶ୍ୟକ ଜମି ଛାଡି ଅବଶିଷ୍ଟ ଜମି ଫେରତ, ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଏବଂ ଅନ୍ୟାନ୍ୟ ବିଷୟକୁ ଗୁରୁତ୍ୱର ସହିତ ବିଚାରକୁ ନିଆଗଲେ, ଏହା ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ଏକ ଛଳନା ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଥିଲେ। ଏଣୁ ରାଉରକେଲା ଇସ୍ପାତ କାରଖାନାର ଏଭଳି ଛଳନାକୁ ପ୍ରତିହତ କରିବା ପାଇଁ ଆଗାମୀ ଦିନରେ ହିନ୍ଦ ମଜଦୁର ସଭା ସହବନ୍ଧିତ ସୁନ୍ଦରଗଡ ଜିଲ୍ଲା ଶିଳ୍ପାଞ୍ଚଳ ଶ୍ରମିକ ସଭା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଆହ୍ୱାନ ଦିଆଯାଇଛି। ହିନ୍ଦ ମଜଦୁର ସଭାର ଏହି ସାମ୍ବାଦିକ ସମ୍ମିଳନୀରେ ଏଚ୍ଏମ୍ଏସର ରାଜ୍ୟ ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ବେହେରା, ଏଚ୍ଏମ୍ଏସ ରାଜ୍ୟ ଉପ-ସାଧାରଣ ସମ୍ପାଦକ ବିସୟର ମହାନ୍ତି, ଏସପିସିଏଲ ସଭାପତି ହରେକୃଷ୍ଣ ପାତୀ, ସୁନ୍ଦରଗଡ ଜିଲ୍ଲା ଶିକ୍ଷାଠାରେ ଶ୍ରମିକ ସଭାର ନିର୍ମଳ ଦାସ, ଏଚ୍ଏମ୍ଏସ ରାଜ୍ୟ ଉପସଭାପତି ବେବେନ୍ଦ୍ର ଆଚାର୍ଯ୍ୟ, ସୁନ୍ଦରଗଡ ଜିଲ୍ଲା ଶିକ୍ଷାଟାଂଚ ଶ୍ରମିକ ସଭାର ସମ୍ପାଦକ ଜଗବନ୍ଧୁ ଜେନା, ସୁନ୍ଦରଗଡ ଜିଲ୍ଲା ଶିକ୍ଷାଟାଂଚ ଶ୍ରମିକ ସଭାର ସମ୍ପାଦକ ଜାହୁଚରଣ ବେହେରା, ସୁନ୍ଦରଗଡ ଜିଲ୍ଲା ଶିକ୍ଷାଟାଂଚ ଶ୍ରମିକ ସଭାର ରାଉରକେଲା ସମ୍ପାଦକ ରାଜେଶ ତାହ ପ୍ରମୁଖ ଉପସ୍ଥିତ ଥିଲେ।

କଳିଙ୍ଗ ପବ୍ଲିକ ସ୍କୁଲରେ ସ୍ପାର୍କ ଏକ୍ସପୋ ଅନୁଷ୍ଠିତ



ରାଉରକେଲା,୨୬/୧୧(ନି/ପ୍ର): ସେକ୍ଟର ୨ ସ୍ଥିତ କଳିଙ୍ଗ ପବ୍ଲିକ ସ୍କୁଲ ଠାରେ ସ୍ପାର୍କ ଏକ୍ସପୋ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧକ୍ଷ ବିଜୁ ସରଦାର ଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ,ଗଣିତ, ସାମାଜିକ ବିଜ୍ଞାନ,ଆର୍ଟ ଏଣ୍ଡ କ୍ରାଫ୍ଟ ପ୍ରଦର୍ଶନୀ ସହ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ଏହାସହ ସ୍କୁଲର କେଜି ବିଭାଗରେ ପଢୁଥିବା ଛାତ୍ରଛାତ୍ରୀମାନେ ଓଡ଼ିଶାର ୮ ଟି ଜିଲ୍ଲାର ପୋଷାକ, ସଂସ୍କୃତି ଉପରେ ପ୍ରଦର୍ଶନୀ କରିଥିଲେ। ସ୍କୁଲର ପ୍ରାୟ ଦେଢ଼ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ୧୨୦ ଟି ପ୍ରକଳ୍ପ ମାଧ୍ୟମରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ରତ୍ନା ବାନାର୍ଜୀ, ସୋମାଲୀ ମଲୁମଦାର, ସୂର୍ଯ୍ୟକାନ୍ତି ସାମନ୍ତ, ରାଜେନ୍ଦ୍ର ପଲାଇ, ସୃତିରଞ୍ଜନ ସାହୁ ଓ ଜଳନା ଟେ ଧୁରୀ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲାବେଳେ ଟ୍ରଷ୍ଟି ରଞ୍ଜନ କୁମାର ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ଅଧକ୍ଷ ଶ୍ରୀ ସରକାରଙ୍କ ରଚିତ ପୁସ୍ତକ ହ୍ୟୁସିଟର୍ସ ଅଫ୍ ଦି ବ୍ଲାସ ରୁମ୍‌କୁ ଉପସ୍ଥିତ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରତ୍ନମଣୀ ମହାପାତ୍ର, ପ୍ରାର୍ଥନା ଭୋରାସାଗର, ତିତ୍ତା ମହାନ୍ତି, ସୁଶାନ୍ତ ବିଶ୍ୱାଳ, ଅଭିଷେକ ଅଗ୍ରୱାଲ, ସୁକାନ୍ତି ଶୁଦ୍ଧା, ସୁରେଶ ଶର୍ମା, ସୃତିରେଖା ମହାନ୍ତି, ପୂଜା ମଲ୍ଲିକ, ସମ୍ପୂର୍ଣ୍ଣା ମହାନ୍ତି ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଛାତ୍ର ଛାତ୍ରୀଙ୍କ ସହ ସେମାନଙ୍କ ଅଭିଭାବକମାନେ ଯୋଗଦେଇଥିଲେ।

ଜିଲ୍ଲା କଂଗ୍ରେସ ପକ୍ଷରୁ ସାମ୍ବିଧାନିକ ସୁରକ୍ଷା ରାଲି



ଜେହ୍ରାପଡ଼ା,୨୬/୧୧(ନି/ପ୍ର): ସମ୍ବିଧାନର ମର୍ଯ୍ୟାଦା ରକ୍ଷା, ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ଏବଂ ନାଗରିକଙ୍କ ଅଧିକାର ସପକ୍ଷରେ ରାଜପାଣ୍ଠାକୁ ଓହ୍ଲାଇଛି ଜିଲ୍ଲା କଂଗ୍ରେସ। ଏହି ଅବସରରେ ଜିଲ୍ଲା କଂଗ୍ରେସ ପକ୍ଷରୁ ସହରରେ ଏକ ସାମ୍ବିଧାନିକ ସୁରକ୍ଷା ରାଲି ଓ ପରିକ୍ରମା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟିକା ଡଃ. ପିପ୍ରା ମଲ୍ଲିକ, ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଦେବଯାନୀ ଶର୍ମା ଓ ବ୍ଲକ କଂଗ୍ରେସ ସଭାପତି ହରିଶ ପଟ୍ଟନାୟକଙ୍କ ନେତୃତ୍ୱରେ ବହୁ ବଳାୟ ନେତା, ଜର୍ମା ଓ ସମର୍ଥକ ଏହି ରାଲିରେ ସାମିଲ ହୋଇଥିଲେ।

ସମ୍ବିଧାନ ଦିବସ ଅବସରରେ ରାଉରକେଲା ଜିଲ୍ଲା ପୋଲିସ କାର୍ଯ୍ୟାଳୟ (ଉଚଡ) ଠାରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଭାରତୀୟ ସମ୍ବିଧାନର ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ସମସ୍ତେ ଭାରତୀୟ ସମ୍ବିଧାନର ମହାନ ଆଦର୍ଶ, ମୂଲ୍ୟବୋଧ ଓ ନୀତିନିୟମକୁ ସମ୍ମାନ ଓ ସୁରକ୍ଷା ପ୍ରଦାନ କରିବା ସହ ସଚ୍ଚୋଟତା, ନିଷ୍ଠା ଓ ସମର୍ପଣର ସହିତ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଶପଥ ନେଇଥିଲେ।



ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ଓ କଲ୍ୟାଣ ନ୍ୟାସ ର ଛାଡଖାଇ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ



ରାଉରକେଲା,୨୬/୧୧(ନି/ପ୍ର): ଚିତରଞ୍ଜନ ଦାସଙ୍କ ସଭାପତିତ୍ୱ ଓ ଖୋଏଲ ନଗର ସି ବ୍ଲକ ସ୍ଥିତ ଉତ୍କଳ ଗୌରବ ମଧୁସୂଦନ ପାର୍କରେ ଥିବା ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ଓ କଲ୍ୟାଣ ନ୍ୟାସ ଦରଫରୁ ଛାଡଖାଇ ଉପଲକ୍ଷେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସି ବ୍ଲକ ପାର୍କ ଠାରେ ଅନୁଷ୍ଠିତ ହୋଇଯାଇଛି। ନ୍ୟାସର ସଭାପତି ତଥା ମ୍ୟାନେଜିଂ ଟ୍ରଷ୍ଟି ଉପସଭାପତି ପିତାୟର ଲେଙ୍କା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥି ଭାବେ ଯୋଗଦେଇଥିବା ଡାକ୍ତର କୃପାସିନ୍ଧୁ ନାୟକଙ୍କ ରଚିତ ପୁସ୍ତକ କୃପାସିନ୍ଧୁ ନାୟକଙ୍କ କବିତା ସମଗ୍ର କୁ ଉନ୍ମୋଚନ କରାଯାଇଥିଲା। ପୁସ୍ତକ ସମ୍ପର୍କରେ କବି ତା ନାୟକ ନିଜସ୍ୱ କବିତା ଗାନ ସହ ପୁସ୍ତକ ଲେଖିବାର କାରଣ ଓ ପ୍ରେରଣା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଅନ୍ୟତମ ଅତିଥି ଙ୍କ ଅଜିତ୍ ପୁରାରୀ, ଡଃ ମାନତି ପଣ୍ଡା ଓ ଉପସଭାପତି ଶ୍ରୀ ଲେଙ୍କା ଛିଡ଼ି ସୁନ୍ଦର ସଙ୍ଗୀତ ଗାନ କରି ସମସ୍ତଙ୍କ ମନ ମୋହିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ,ଯୋଗ, ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଅନ୍ୟ ଦୃଷ୍ଟି , ସଦସ୍ୟ ଓ ଅତିଥିଙ୍କ ମଧ୍ୟରେ ସର୍ବଶ୍ରୀ ଭାଗିରଥି ନାୟକ, ପ୍ରଦୀପ କୁମାର ପତି, ସନ୍ତୋଷ କୁମାର ମହାପାତ୍ର, ମହାବୀର ପ୍ରସାଦ ନାଥ, ଶୁଭ୍ରାଂଶୁ ମିଶ୍ର,ସନ୍ତୋଷ ମହାନ୍ତି, ଜ୍ୟୋତ୍ସ୍ନାରାଣୀ ରାଉତଙ୍କ ସମେତ ଅତିଥି ଭାବେ ସର୍ବଶ୍ରୀ ସଂଜୀବ ମହାନ୍ତି,ଭାରତ ଭୂଷଣ ମହାନ୍ତି, ପ୍ରଭାତ ମହାନ୍ତି, ତ୍ରିଲୋଚନ ପରିଡ଼ା, ଲତିକା ପଟ୍ଟନାୟକ, ମଞ୍ଜୁଶ୍ରୀ ସାହଁ, ଗୌରାବାଳା ମାଝୀ, ଅକ୍ଷୟ ଦାସ, ଜଟାଧାରୀ ମାଝୀ , ତ୍ରିନାଥ ସେଠୀ, ସରୋଜ ଦାସ,ଭାସ୍କର ହରିଣ୍ ଦାସ, ସୁବାସ ପ୍ରଧାନ, ପୂର୍ଯ୍ୟ ପାତ୍ରୀ , ସଂଯୁକ୍ତା ପାତ୍ରୀ,ଚିରଞ୍ଜନ ସେନାପତି, ପରଜେଜ ଅରୋରା, ବଂଶୀଧର ଦାସ, ସ୍ୱର୍ଣ୍ଣଲତା ସାମଲ , ହରେକୃଷ୍ଣ ନାୟକ, ଶାନ୍ତନୁ ମହାନ୍ତି ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ବିମଳ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ କୁଇଜ୍ ପ୍ରତିଯୋଗିତା



ରାୟଗଡା/ରାମନାଗୁଡ଼ା, ୨୬/୧୧(ନି/ପ୍ର):ରାମନାଗୁଡ଼ା ବ୍ଲକ୍ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ କୁଇଜ୍ ପ୍ରତିଯୋଗିତା ବୁଧବାର ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାମନାଗୁଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଡ଼ାପୟର ସମିତି ଅଧକ୍ଷ ଶ୍ରୀ ରବି ଶଙ୍କର ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ଶ୍ରୀ ପ୍ରାଣକୃଷ୍ଣ ପାଣିଗ୍ରାହୀ, ବ୍ଲକ୍ କୃଷି ଅଧିକାରୀ ଶ୍ରୀ ବିଭୁତିଭୂଷଣ ବିଷୋୟୀ, ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ଅଭିଷେକ ପଟ୍ଟନାୟକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀ ବିଶୋର କୁମାର ବେହେରା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରାଣୀ ଚିକିତ୍ସକ ଶ୍ରୀ କୃଷ୍ଣନନ୍ଦ ବେହେରା ଉପସ୍ଥିତ ଥିଲେ। ସଭାପତି ଭାବେ ବିଦ୍ୟାଳୟ ଅଧକ୍ଷ ଶ୍ରୀ ଗୌରୀ ପ୍ରସାଦ ପଣ୍ଡା ସଭା ପରିଚାଳନା କରିଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆବାହକ ଭାବେ ରହିଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ, ସମିତି ସଭ୍ୟା ଲକ୍ଷ୍ମୀ ଜାନ୍ତ୍ରାକା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ସ୍ମିତା ରାଣୀ ବ୍ଲକ ସମସ୍ତ କାର୍ଯ୍ୟକ୍ରମକୁ ତତ୍ତାବଧଣ କରିଥିଲେ। ମଚ୍ଚ ପରିଚାଳନା କରିଥିଲେ ଅଶ୍ୱିନୀ ତ୍ରିପାଠୀ। ଏହି ପ୍ରଦର୍ଶନୀରେ ବ୍ଲକ୍ ?ର ସମସ୍ତ ବିଦ୍ୟାଳୟରୁ ୨ଟି ଲେଖାଏଁ ପ୍ରକଳ୍ପ ଆସିଥିଲା। ମୋଟ ୫୨ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥି ସହ ବ୍ଲକ୍ ସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ବଳ ଅଂଶଗ୍ରହଣ କରିଥିଲେ।

କନ୍ଧମାଳେର ଜାନୁଆରୀ ୬ରୁ କନ୍ଧମାଳେର ଆରମ୍ଭ ହେବ ଧାନ ସଂଗ୍ରହ

କନ୍ଧମାଳ,୨୬/୧୧(ନି/ପ୍ର): କନ୍ଧମାଳ ଜିଲ୍ଲାରେ ୨୦୨୬-୨୭ ଖରିଫ ଋତୁ ପାଇଁ ଆସନ୍ତା ୬ ଜାନୁଆରୀ ୨୦୨୭ରୁ ଧାନ ସଂଗ୍ରହ ଆରମ୍ଭ ହେବ। ଏ ନେଇ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିର ପ୍ରଥମ ବୈଠକ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଦ୍ୟା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଚଳିତ ଋତୁରେ ଜିଲ୍ଲାର ୪,୫୪୦ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି। ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପିଛା ୨,୪୫୧ ଟଙ୍କା ଏବଂ ଗ୍ରେଡ୍-ଏ ଧାନର ମୂଲ୍ୟ ୨,୪୮୧ ଟଙ୍କା ଧାର୍ଯ୍ୟ ହୋଇଛି। ଜିଲ୍ଲାର ୨୨ଟି ଲ୍ୟାମ୍ପସ୍ ଓ ଗୋଟିଏ ମାଇକ୍ରୋ-ସ୍ତରୀୟ ମାଧ୍ୟମରେ ଧାନ କ୍ରୟ କରାଯିବ। ମଣ୍ଡି ସଚାଳ ୮ ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲା ରହିବ।

ଗୋପବନ୍ଧୁ ପାଠାଗାର ପକ୍ଷରୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ବିବିଧ ପ୍ରତିଯୋଗିତା



ରାଉରକେଲା,୨୬/୧୧(ନି/ପ୍ର): ଛାତାୟ ପାଠାଗାର ସପ୍ତାହ ୨୦୨୬ ପାଳନଓ ଏକ ଅଂଶସ୍ୱରୂପ,ରାଉରକେଲା ଇସ୍ପାତ କାରଖାନାର ଟାଉନ୍ ସର୍ଭିସେସ୍ ବିଭାଗ ଅଧୀନସ୍ଥ ଗୋପବନ୍ଧୁ ପାଠାଗାର ପକ୍ଷରୁ ରାଉରକେଲାର ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ୧୯୬୮ ମସିହାରେ ଭାରତୀୟ ପାଠାଗାର ଫଂ ଦ୍ୱାରା ଆରମ୍ଭ ହୋଇଥିବା ପରମ୍ପରା ଅନୁଯାୟୀ, ଭାରତରେ ନଭେମ୍ବର ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ଜାତୀୟ ପାଠାଗାର ସପ୍ତାହ ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ଏହା ଏକ ଅଂଶ ଥିଲା। ନଭେମ୍ବର ୨୧ ତାରିଖ ରେ ଗୋପବନ୍ଧୁ ପାଠାଗାରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ରାଉରକେଲାର ବିଭିନ୍ନ ବିଦ୍ୟାଳୟରୁ ମୋଟ ୪୨ ଜଣ ଛାତ୍ରଛାତ୍ରୀ ଏକ ଜବିତା ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତା ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ଭାଷାରେ ଅନୁଷ୍ଠିତ ହୋଇଥିଲା, ଯାହା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପସନ୍ଦର ଭାଷାରେ ସୃଜନଶୀଳତା ଏବଂ ସାହିତ୍ୟିକ ଦକ୍ଷତା ପ୍ରକାଶ କରିବାକୁ ଉତ୍ସାହିତ କରିଥିଲା। ସେହିପରି ନଭେମ୍ବର ୨୩ ତାରିଖ ରେ ଆୟୋଜିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ମୋଟ ୭୮ ଜଣ ଛାତ୍ରଛାତ୍ରୀ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ବକ୍ତୃତା କୌଶଳ ପ୍ରଦର୍ଶନ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ଟାଉନ୍ ସର୍ଭିସେସ୍‌ର ମହାପ୍ରବନ୍ଧକ ଶ୍ରୀମତୀ ନିବେଦିତା ରାୟ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିବା ସହ ଏହି ପଦକ୍ଷେପର ପ୍ରାସଙ୍ଗିକତା ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାର ବିଚାରକମାନେ ମଧ୍ୟ ଉପସ୍ଥିତ ଥିଲେ। ଟାଉନ୍ ସର୍ଭିସେସ୍ ବିଭାଗର ସହାୟକ ମହାପ୍ରବନ୍ଧକ ଶ୍ରୀମତୀ ଅନୁପୂର୍ଣ୍ଣା ବେହେରା ଏହି କାର୍ଯ୍ୟକ୍ରମଗୁଡ଼ିକର ପରିଚାଳନା କରିଥିଲେ। ପାଠାଗାରଗୁଡ଼ିକୁ ଜ୍ଞାନ ଏବଂ ଶିକ୍ଷାର କେନ୍ଦ୍ର ଭାବେ ଗୁରୁତ୍ୱ ଦେବା ସହିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପଠନ, ସୃଜନଶୀଳତା ଏବଂ ସାହିତ୍ୟିକ ଅଭିବ୍ୟକ୍ତିକୁ ପ୍ରୋତ୍ସାହିତ କରିବା ଏହି ପ୍ରତିଯୋଗିତାଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ଥିଲା। ଉଲ୍ଲେଖଯୋଗ୍ୟ ଯେ ପାଠାଗାର ଏବଂ ଏହାର ସମସ୍ତ ବିଷୟରେ ଜନସଚେତନତା ବୃଦ୍ଧି କରିବା ତଥା ପଠନ ସଂସ୍କୃତିକୁ ଉତ୍ସାହିତ କରିବା ପାଇଁ ପ୍ରତିବର୍ଷ ଜାତୀୟ ପାଠାଗାର ସପ୍ତାହ ପାଳନ କରାଯାଏ।

ଆରଏସପିରେ ଗୁରୁତ୍ୱପୂର୍ଣ୍ଣ ମେସିନିଂ ଓ ଆସେମ୍ବ୍ଲି କାର୍ଯ୍ୟରେ ଅବଦାନ ପାଇଁ ଠିକା କର୍ମଚାରୀ ସମ୍ବର୍ଦ୍ଧିତ



ରାଉରକେଲା,୨୬/୧୧(ନି/ପ୍ର): ସେଲ୍‌ର ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସପ୍ତ ଜ୍ୟୋତ୍ସ୍ନାର ୧୦ ଜଣ ଠିକା କର୍ମଚାରୀଙ୍କୁ ନଭେମ୍ବର ୨୩ ତାରିଖରେ ମେଜାନାଇନ୍ ସପ୍ତର ସଚ୍ଚିକନା ଭବନରେ ଆୟୋଜିତ ଏକ ସମାରୋହରେ 'ତତ୍ତ୍ୱାଳ ସ୍ୱାକୃତି' ପୁରସ୍କାର ପ୍ରଦକ୍ଷପ ଅଧୀନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ଲେଟ୍ ମିଲ୍‌ର ସ୍କେଲ୍ ପିଟ୍ ଲେନ୍‌ର ପାଇଁ ଏକ କାର୍ଯ୍ୟ ସମ୍ପନ୍ନ କରିବାରେ ସେମାନଙ୍କ ଉତ୍କୃଷ୍ଟ ଦକ୍ଷତା ଏବଂ ଆନ୍ତରିକ ପ୍ରତିବଦ୍ଧତାକୁ ସ୍ୱୀକୃତି ଦେବା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଉଭୟ କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଠିକା ସଂସ୍ଥା ମାଧ୍ୟମରେ ନିୟୋଜିତ କର୍ମଚାରୀମାନଙ୍କ ଦକ୍ଷତା, ନିଷ୍ଠା ଓ ସମର୍ପିତ ଉଦ୍ୟମ ଏହାର ସଫଳ ସମାପ୍ତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି ଅବସରରେ ଜିଏମ୍ (ଏନ୍‌ଚାର୍ଜ (ସପ୍ତ) ଶ୍ରୀ ଡି. କେ. ନାୟକ ଏବଂ ଜିଏମ୍ (ଏଚ୍ଆର-ସିଏଲ୍‌ସି) ଶ୍ରୀ ଜି. ଆର. ଦାଶ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସେମାନେ କର୍ମଚାରୀମାନଙ୍କ ଉଦ୍ୟମର ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହି ସମାରୋହରେ ସପ୍ତ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ, ଠିକା କର୍ମଚାରୀ ଏବଂ ଠିକା ସଂସ୍ଥାଗୁଡ଼ିକର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପୁରସ୍କୃତ କର୍ମଚାରୀମାନଙ୍କ ମଧ୍ୟରେ ମେସର୍ସ ପୋନ୍ନି ଏଣ୍ଟରପ୍ରାଇଜେସ୍‌ର ୭ ଜଣ ଏବଂ ମେସର୍ସ ଜଗତ ଏଣ୍ଟରପ୍ରାଇଜେସ୍‌ର ୩ ଜଣ କର୍ମଚାରୀ ଅନ୍ତର୍ଭୁକ୍ତ ଥିଲେ। ଉକ୍ତ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ସଫଳ